## ଅଲ୍ଲାଃ ତାଲାଙ୍କ ବାଣୀ

وَلَا يَحْسَبَنَّ الَّذِيْنَ كَفَرُوْٓا اَنَّمَا نُمْلِيْ
لَهُمْ خَيْرٌ لِّاَنْفُسِهِمْ ۭ اِنَّمَا نُمْلِيْ لَهُمْ
لِيَزْدَادُوْٓا اِثْمًا ۚ وَلَهُمْ عَذَابٌ مُّهِيْنٌ ۝

(آل عمران:179)

ଅନୁବାଦ- ଏବଂ ଅବିଶ୍ୱାସକାରୀମାନେ ଏହା ଭାବିବା କଦାପି ଉଚିତ ନୁହେଁ ଯେ ଆମ୍ଭର ସେମାନଙ୍କୁ ଅବ୍ୟାହିତ ଦେବା ସେମାନଙ୍କ ପକ୍ଷେ ଉତ୍କୃଷ୍ଟ ଅଟେ; ଆମ୍ଭେ ସେମାନଙ୍କୁ ଯେଉଁ ଅବ୍ୟାହିତ ଦେଉଅଛୁ ତା' ଫଳରେ ସେମାନେ କେବଳ ପାପରେ ଅଗ୍ରସର ହେବେ; ସେମାନଙ୍କ ପାଇଁ ଅପମାନଜନକ ଶାସ୍ତି (ନିୟତ) ରହିଅଛି ।

*(ଆଲେ ଇମରାନ୍: ୧୭୯)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 10-11

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

05-12 ମାର୍ଚ୍ଚ 2020    05-12 ଅମାନ୍ 1399 ହି.ଶ    09-16 ରଜବ୍ 1441 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍ଲନା ଫି'ଉମ୍ରିହି ୱ ଅମ୍ରିହି ॥

**ଏହା ଏକ ସମ୍ପୂର୍ଣ୍ଣ ସତ୍ୟ ଓ ବାସ୍ତବ ଘଟଣା ଯେ ଅଲ୍ଲାଃତାଲା ସେହି ଲୋକମାନଙ୍କର ସାହାଯ୍ୟ କରିଥାନ୍ତି ଯେଉଁମାନେ ନିଜର ସାହାଯ୍ୟ କରନ୍ତି । କିନ୍ତୁ ଯେଉଁ ବ୍ୟକ୍ତି ଅଳସୁଆମି ଓ ଅମନୋଯୋଗ ପ୍ରଦର୍ଶନ କରିଥାଏ । ସେ ଧ୍ୱଂସ ମୁଖରେ ପଡ଼ିଥାଏ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଲିକୁଲ୍ଲେ ଦାଇନ୍ ଦୱାଉନ୍‌ର ବ୍ୟାପକ ଭାବାର୍ଥ

ଏହି ଉକ୍ତି ଠିକ୍ ନୁହେଁ ଯେ, କେତେକ ସ୍ୱଭାବର ପରିବର୍ତନରେ (ପ୍ରଭୁ) ସମର୍ଥ୍ୟ ଓ ଆଉ କେତେକ ତାଙ୍କର ସାମର୍ଥ୍ୟ ବାହାରେ । ନା ନା! ପ୍ରତ୍ୟେକ ରୋଗର ଉପଚାର ରହିଛି । ପ୍ରତ୍ୟେକ **ଲିକୁଲ୍ଲେ ଦାଇନ୍ ଦୱାଉନ୍** । ଦୁଃଖଦ! ଲୋକମାନେ ଆପଣଙ୍କ ଏହି ମହତ ବାଣୀର ଗୁରୁତ୍ୱ ବୁଝୁ ନାହାନ୍ତି । ଏବଂ ଏହା କେବଳ ପ୍ରକାଶ୍ୟ ବ୍ୟାଧି ମଧ୍ୟରେ ସୀମିତ ମଣୁଛନ୍ତି । ଏହା କିଭଳି ମୁର୍ଖାମି ଓ ଭ୍ରାନ୍ତ ଧାରଣା ଅଟେ । ଯେଭଳି ଭାବରେ ଏକ କ୍ଷୟଶୀଳ ଶରୀର ପାଇଁ ତାହାର ସୁଧାର ଓ ସମସ୍ତ ଉପକାର ନିମନ୍ତେ ସାଧନ ଉପସ୍ଥିତ ରହିଛି ତେବେ କଣ ଏହା ସମ୍ଭବ ଯେ, ମଣିଷର ଆଧ୍ୟାତ୍ମିକ ବ୍ୟାଧିର ଉପଚାର ନିମନ୍ତେ ପ୍ରଭୁ କିଛି ବ୍ୟବସ୍ଥା କରି ନଥିବେ ? ନିଶ୍ଚିତ ରହିଛି !!

ଏହା ଏକ ସମ୍ପୂର୍ଣ୍ଣ ସତ୍ୟ ଓ ବାସ୍ତବ ଘଟଣା ଯେ ଅଲ୍ଲାଃତାଲା ସହେି ଲୋକମାନଙ୍କର ସାହାଯ୍ୟ କରିଥାନ୍ତି ଯେଉଁମାନେ ନିଜର ସାହାଯ୍ୟ କରନ୍ତି । କିନ୍ତୁ ଯେଉଁ ବ୍ୟକ୍ତି ଅଳସୁଆମି ଓ ଅମନୋଯୋଗ ପ୍ରଦର୍ଶନ କରିଥାଏ । ସେ ଧ୍ୱଂସ ମୁଖରେ ପଡ଼ିଥାଏ ।

### ବାର୍ଦ୍ଧକ୍ୟତାର ଦୁଇଟି ଅବସ୍ଥା

ମଣିଷ ଉପରେ ଯେପରି **ନକସ୍ ଫିଲ୍ ଖଲ୍‌କି**ର ଯୁଗ ଆସିଥାଏ ଯାହାକୁ ବାର୍ଦ୍ଧକ୍ୟ କୁହାଯାଏ । ସେତେବେଳେ ଚକ୍ଷୁ ନିଜର କାମ କରିବା ବନ୍ଦ କରିଦେଇଥାଏ ଏବଂ କର୍ଣ୍ଣ ମଧ୍ୟ ନିଜର ଶ୍ରବଣ ଶକ୍ତି ହରାଇ ବସିଥାଏ । ବସ୍ତୁତଃ ମଣିଷର ପ୍ରତ୍ୟେକ ଅଙ୍ଗ ନିଜ ଶକ୍ତି ସାମର୍ଥ୍ୟ ହରାଇ ବସିଥାଏ ଅବା ତାହାର ନିକଟବର୍ତୀ ହୋଇଯାଇଥାଏ । ଏପରି ମନେରଖ ଯେ, ବାର୍ଦ୍ଧକ୍ୟାବସ୍ଥା ଦୁଇ କିସମର ଆସିଥାଏ ଯେପରିକି ସ୍ୱଭାବିକ ଓ ଅସ୍ୱଭାବିକ । ସ୍ୱଭାବିକ ଅବସ୍ଥା ତାହା ଅଟେ ଯାହାକି ଉପରେ ବର୍ଣ୍ଣନା କରିଆସିଲି । ଅସ୍ୱଭାବିକ ଅବସ୍ଥା ତାହାକୁ କୁହାଯାଏ କି ଜଣେ ନିଜ ବ୍ୟାଧି (ପିଡ଼ା)ର ତିଳେ ମାତ୍ର ଚିନ୍ତା କରେ ନାହିଁ ଯଦ୍ୱାରା ମଣିଷକୁ ଦୁର୍ବଳ କରି ମୃତ୍ୟୁ ପୂର୍ବରୁ ହିଁ ତାହା ଉପରେ ବାର୍ଦ୍ଧକ୍ୟାବସ୍ଥା ଘେନି ଆଣେ । ଯେପରି ଶାରୀରିକ ବ୍ୟବସ୍ଥାରେ ଏହି ପ୍ରକିୟା କାର୍ଯ୍ୟ କରିଥାଏ ସେହିପରି ଆଧ୍ୟାତ୍ମିକ ଅବସ୍ଥାରେ ମଧ୍ୟ ଲାଗୁ ହୋଇଥାଏ । ଯଦି କୌଣସି ବ୍ୟକ୍ତି ନିଜ ଖଳପ୍ରବୃତିକୁ ଉତମ ଚରିତ୍ର ଓ ସୁନ୍ଦର ଆଚରଣ ଦ୍ୱାରା ବିମଣ୍ଡିତ କରିବାର ପ୍ରୟାସ କରେ ନାହିଁ ତେବେ ତାହାର ଚାରିତ୍ରିକ ଅବସ୍ଥା ନ୍ମିନଗାମୀ ହୋଇଥାଏ। ହଜୁର ସ.ଅଙ୍କ ନିର୍ଦ୍ଦେଶ ଓ ପବିତ୍ର କୁରଆନର ଶିକ୍ଷାନୁଯାୟୀ ଏହା ପ୍ରମାଣ ସିଦ୍ଧ ଯେ ପ୍ରତ୍ୟେକ ବ୍ୟାଧିର ଔଷଧି ରହିଛି କିନ୍ତୁ ଯଦି ଅଳସୁଆମି ଓ ଅମନୋଯୋଗକୁ ନିଜ ଉପରେ ବିଜୟ ହେବାର ସୁଯୋଗ ପ୍ରଦାନ କରିଦିଆଯାଏ ତେବେ ଧ୍ୱଂସ ପ୍ରାପ୍ତି ଛଡ଼ା ଆଉ କୌଣସି ମାର୍ଗ ଦୃଶ୍ୟମାନ ହୋଇ ନଥାଏ । ଯଦି ଏପରି ନିରବଚ୍ଛିନ୍ନ ଜୀବନ ଅତିବାହିତ କରାଯାଏ ଯେପରି ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି କରିଥାଏ ତେବେ କିଭଳି ଜଣକୁ ରକ୍ଷା କରାଯାଇ ପାରିବ ।

### ଚରିତ୍ର ପରିବର୍ତନ, ପ୍ରଚେଷ୍ଟା ଓ ଦୁଆ ଅସମ୍ଭବକୁ ସମ୍ଭବ କରିଥାଏ

ଯେପର୍ଯ୍ୟନ୍ତ ମଣିଷ ସାଧନା କରେ ନାହିଁ, ଦୁଆ ମାଧ୍ୟମରେ ସାହାଯ୍ୟ ଭିକ୍ଷା କରେ ନାହିଁ ସେପର୍ଯ୍ୟନ୍ତ ସେହି ପରଦା ଯାହାକି ହୃଦୟ ଉପରେ ପଡ଼ି ରହିଛି ଦୂର ହୋଇ ନଥାଏ । ଅତଏବ ଅଲ୍ଲାଃତାଲା କୁହନ୍ତି- ଇନ୍ନଲ୍ଲାହା ଲା ୟୁଗୈୟରୁ ମାବିକୌମିନ୍ ହତ୍ତା ୟୁଗୈୟରୁ ମାବିଅନ୍‌ଫୁସିହିମ୍ (ସୁରେ ରାଦ୍ ୧୨) ଅର୍ଥାତ ପରମେଶ୍ୱର ସମସ୍ତ ପ୍ରକାର ଅସୁବିଧା ଓ ବିପଦ ଯାହାକି ଗୋଷ୍ଠୀ ସମୁହ ଉପରେ ଆସିଥାଏ ଦୂର କରି ନଥାନ୍ତି ଯେପର୍ଯ୍ୟନ୍ତ କି ସମ୍ପୃକ୍ତ ଗୋଷ୍ଠୀ ସ୍ୱୟଂ ଦୂର କରିବାକୁ ଚେଷ୍ଟା କରି ନଥାଏ । ସାହସ ନବାନ୍ଧିଲେ କିଭଳି ପରିବର୍ତନ ସମ୍ଭବ । ଏହା ଅଲ୍ଲାଃତାଲାଙ୍କର ଅଟଳ ସୁନ୍ନତ ଅଟେ ।ଯେପରିକି ସେ କୁହନ୍ତି ଓଲନ୍ ତଜିଦା ଲିସୁନ୍ନତଲ୍ଲାହି ତବ୍‌ଦିଲା (ଅହଜାବ୍ ୬୩) ଅତଃ ଆମ୍ଭ ଜମାଅତ ହେଉ ଅବା ଅନ୍ୟ କେହି, ଚରିତ୍ର ପରିବର୍ତନ ସେତେବେଳେ ହୋଇଥାଏ ଯେତେବେଳେ ପ୍ରୟାସ, ଦୁଆ ମାଧ୍ୟମରେ ସାହାଯ୍ୟ ଭିକ୍ଷା କରାଯାଏ, ନଚେତ ସମ୍ଭବ ନୁହେଁ ।

### ଚରିତ୍ର ପରିବର୍ତନ ସମ୍ବନ୍ଧରେ ଦୁଇଟି ପନ୍ଥା

ମାନ୍ୟଗଣ ବ୍ୟକ୍ତିତ୍ୱଙ୍କ ଚରିତ୍ର ପରିବର୍ତନ ସମ୍ବନ୍ଧରେ ଦୁଇଟି ବିଶ୍ୱାସ ରହିଛି । ଗୋଟିଏ ଯେ ସ୍ୱୀକାର କରିନିଏ କି ମଣିଷ ଚରିତ୍ର ପରିବର୍ତନ କରିବାରେ ସକ୍ଷମ । ଅନ୍ୟ ଦଳଟି ସେ ଯେ ସ୍ୱୀକାର କରନ୍ତି ନାହିଁ । ଅସଲ କଥା ଏହି କି ଯେ ଅଳସୁଆମି ଓ ଅମନଯୋଗ ପ୍ରଦର୍ଶନ ନକରି କିଛି ହରକତ (ପ୍ରୟାସ) କରିବା । ମୋତେ ଏଠାରେ ଗୋଟିଏ ଶିକ୍ଷଣୀୟ ଗଳ୍ପ ମନେପଡ଼ିଗଲା କି ୟୁନାନର ପ୍ରସିଦ୍ଧ ଦାର୍ଶନିକ ଅଫଲାତୁନ୍‌ଙ୍କ ନିକଟକୁ ଜଣେ ଲୋକ ଆସିଲା ଏବଂ ଦ୍ୱାର ସମ୍ମୁଖରେ ଛିଡ଼ା ହୋଇ ଖବର ଦେଲା । ଅଫଲାତୁନ୍ ଏହି ନିୟମ ପ୍ରଣୟନ କରିଥିଲା କି ଯେପର୍ଯ୍ୟନ୍ତ ଆଗମନକାରୀର ଆକାର ଓ ବର୍ଣ୍ଣ ଦେଖୁନଥିଲା ଭିତରକୁ ଆସିବାର ଅନୁମତି ପ୍ରଦାନ କରୁ ନଥିଲା । ସେ ମଣିଷକୁ ଦେଖି ଅନୁମାନ ଲଗାଇ ନେଉଥିଲା କି ବ୍ୟକ୍ତି ଜଣକ କିଭଳି ଅଟେ । ଅତଏବ ଦାସ ଆସି ଉକ୍ତ ବ୍ୟକ୍ତିର ଆକାର ଓ ବର୍ଣ୍ଣର ସୂଚନା ଦେଲା । ଅଫଲାତୁନ୍ ଉତର ଦେଲା କି ତାଙ୍କୁ କହିଦିଅ ଯେହେତୁ ତୁମ ଅନ୍ତର ଅପବିତ୍ର ଓ ଅସୁଧତାରେ ଭରି ରହିଛି ତେଣୁ ମାନ୍ୟବର ତୁମ ସହ ସାକ୍ଷାତ କରିବାକୁ ପସନ୍ଦ କରୁ ନାହାନ୍ତି । ଏପରି ଉତର ଶୁଣି ଉକ୍ତ ବ୍ୟକ୍ତି ଜଣକ ଦାସକୁ କହିଲେ ମାନ୍ୟବରଙ୍କୁ କୁହ କି ଆପଣ ଯାହା କହିଲେ ତାହା ଠିକ୍ କିନ୍ତୁ ମୁଁ ନିଜର ମନ୍ଦ ସ୍ୱଭାବର ବର୍ଜନ କରି ନିଜର ସୁଧାର କରିନେଇଛି । ଏଥିରେ ଅଫଲାତୁନ୍ କହିଲା ହଁ ଏହା ସମ୍ଭବ । ସୁତରାଂ ତାଙ୍କୁ ଭିତରକୁ ଡ଼ାକିଲେ ଏବଂ ଅତ୍ୟନ୍ତ ସମ୍ମାନ ଓ ମର୍ଯ୍ୟାଦା ସହକାରେ ତାଙ୍କ ସହ ସାକ୍ଷାତ କଲେ । ଯେଉଁ ମାନ୍ୟଗଣ ବ୍ୟକ୍ତିଙ୍କର ଏହି ଚିନ୍ତାଧାରା ରହିଛି କି ସ୍ୱଭାବ ପରିବର୍ତନ ହୋଇ ନଥାଏ ସେମାନେ ଭ୍ରମ ଧାରଣା ପୋଷଣ କରି ବସିଛନ୍ତି । ଯେତେବେଳେ ସେମାନେ ବାସ୍ତବରେ ତୌବା କରିନେଇଥାନ୍ତି ସେତେବେଳେ ତାଙ୍କୁ ଏକ ସ୍ୱର୍ଣ୍ଣର ପର୍ବତ ପ୍ରଦାନ କରିଦେଲେ ମଧ୍ୟ ସେମାନେ ସେଥିପ୍ରତି ଧ୍ୟାନ କେନ୍ଦ୍ରିତ କରି ନଥାନ୍ତି ।

*(ମଲଫୁଜାତ୍ ଭାଗ ୧ ପୃ-୧୧୭,୧୧୯ ପ୍ରକାଶନ୨୦୧୮ କାଦିୟାନ)*

**ମହିଳାମାନଙ୍କର ସମସ୍ତ କାର୍ଯ୍ୟକ୍ରମ ଖଲିଫାଏ ୱ୍କତ୍‌ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସ୍କିମ୍ ଏବଂ ତାହାର ଉନ୍ନତି ସାଧନ ନିମନ୍ତେ ହେଉ ।**

**ଯମାତ୍‌ର ଏକତା ପାଇଁ ସେମାନେ ଧର୍ମ ଶିକ୍ଷା ମୁତାବକ ପ୍ରତ୍ୟେକ ପ୍ରକାର କୁର୍‌ବାନୀ (ବଳିଦାନ) କରିବାକୁ ପ୍ରସ୍ତୁତ ରହନ୍ତୁ ।**

**ନୈତିକ ଓ ଆଧ୍ୟାତ୍ମିକ ସୁଧାର ଓ ତାହାର ସାଧନର ଅନ୍ୱେଷଣ ରହୁ ।**

**ସନ୍ତାନମାନଙ୍କ ତର୍‌ବିୟତ ନିମନ୍ତେ ନିଜର ବିଶେଷ ଦାୟିତ୍ୱକୁ ନିର୍ବାହ କରନ୍ତୁ ଏବଂ ସେମାନଙ୍କୁ କଷ୍ଟସହିଷ୍ଣୁ ବନାନ୍ତୁ ।**

**ଧର୍ମଶିକ୍ଷା ସହିତ ପରିଚିତ କରାନ୍ତୁ, ସେମାନଙ୍କ ମଧ୍ୟରେ ଖୁଦା, ରସୁଲ୍ ସ:ଆ:ସ, ମସିହ ମଉଦ ଆ:ସ ଏବଂ ଖଲିଫାମାନଙ୍କ ସହିତ ପ୍ରେମଭାବ ଓ ଆଜ୍ଞାନୁବର୍ତୀତାର ମନୋଭାବ ସୃଷ୍ଟି କରାନ୍ତୁ ।**

**ସେମାନଙ୍କଠାରେ ଜୀବନକୁ ୱ୍କଫ୍ (ଧର୍ମକାର୍ଯ୍ୟପାଇଁ ଉତ୍ସର୍ଗ) କରିବା ପାଇଁ ଉତ୍ସାହ ସୃଷ୍ଟି କରାନ୍ତୁ ।**

**ତନ୍‌ଜିମ୍‌ର ସଦସ୍ୟମାନେ ଆପୋଷରେ ସାହାଯ୍ୟ ସହଯୋଗ କରି କାର୍ଯ୍ୟ କରନ୍ତୁ । ଅନ୍ୟମାନଙ୍କ ଦୋଷ ଦୃବଳାତକୁ ଅଣଦେଖା କରନ୍ତୁ । ଧୈର୍ଯ୍ୟ ଓ ସହନଶୀଳତାର ଗୁଣ ସୃଷ୍ଟି କରନ୍ତୁ ।**

## ଲଜ୍‌ନା ଇମାଇଲ୍ଲାଃ ହଲାଣ୍ଡର ୫୦ତମ ବର୍ଷ, ଏହି ଜୁବୁଲି ଅବସରରେ ପତ୍ରିକା ''ଖଦିଜା''ର ବିଶେଷାଙ୍କ ନିମନ୍ତେ ସୟଦନା ହଜୁର ଅନୱ୍‌ର ଅ:ବ:ଅଙ୍କ ବିଶେଷ ବାର୍ତା ।

**ବିସ୍‌ମିଲ୍ଲାହିର୍ ରହ୍‌ମା ନିର୍‌ରହିମ୍**
**ନହ୍‌ମଦହୁ ୱ୍ ନୁସଲ୍ଲି ଅଲା ରସୁଲିହିଲ୍ କରିମ୍ ୱ୍ ଆଲା ଅବ୍‌ଦିହିଲ୍ ମସିହିଲ୍ ମଉଦ**
**ଖୁଦାଙ୍କ କୃପା ଓ କରୁଣା ସହିତ**
**ହୁୱ୍‌ନ୍ ନାସିର୍**
**ଯମାତ ଅହେମଦୀୟା ହଲାଣ୍ଡର ପ୍ରୀୟ ଲଜ୍‌ନା ସଦସ୍ୟାଗଣ !**
**ଅସ୍‌ସଲାମୋ ଆଲେଅକୁମ୍ ୱ୍ ରହ୍‌ମୁତଲ୍ଲାହି ୱ୍ ବର୍‌କାତୁହୁ**

ଏହା ଜାଣି ମତେ ବହୁତ ଖୁସି ଲାଗିଲା ଯେ ଲଜ୍‌ନା ଇମାଇଲ୍ଲାଃ ହଲାଣ୍ଡ ନିଜର ସ୍ଥାପନାର ପଚାଶ ବର୍ଷ ପୂର୍ତ୍ତୀ ଅବସରରେ ଜୁବୁଲି ଉତ୍ସବ ପାଳନ କରୁଅଛି ଏବଂ ଏହି ମୌକାରେ ପତ୍ରିକା ''ଖଦିଜା''ର ବିଶେଷାଙ୍କ ପ୍ରକାଶ କରିବାକୁ ଚାହିଁଛନ୍ତି । ଅଲ୍ଲାଃ ତାଲା ଏହାକୁ ପ୍ରତିକ୍ଷେତ୍ରରୁ ବାବର୍‌କତ୍ କରନ୍ତୁ । ଆମିନ୍ ।

ମୋକରମା ସଦର ସାହିବା ଲଜ୍‌ନା ଏହି ଅବସରରେ ମୋ'ଠାରୁ ବାର୍ତା ପାଇଁ ଆଶା କରିଛନ୍ତି । ମୋର ବାର୍ତା ହେଉଛି ଏହା କି ହଜ୍‌ରତ୍ ମୁସ୍‌ଲେହ୍ ମଉଦ ର:ଅ ଏହି ତନ୍‌ଜିମ୍ (ସଙ୍ଗଠନ)କୁ ସ୍ଥାପନା କରିବାର ଯେଉଁ ଉଦ୍ଦେଶ୍ୟ ରଖିଥିଲେ, ସେହି ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ନିଜର କର୍ମ, ଚରିତ୍ର ଏବଂ ଆଧ୍ୟାତ୍ମିକ ଉନ୍ନତି ନିଜ ସମ୍ମୁଖରେ ରଖନ୍ତୁ ଏବଂ ସେ ସବୁକୁ ନିଜର ଖିଲାଫତ୍ ସହିତ ସୁଦୃଢ଼ ସମ୍ପର୍କ ସ୍ଥାପନ କରିବାରେ ବ୍ୟବହାରରେ ଆଣନ୍ତୁ ।

ଲଜ୍‌ନା ଇମାଇଲ୍ଲାର ମୂଳଦୁଆ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର:ଅ ୨୫ ଡ଼ିସେମ୍ବର ୧୯୨୨ ମସିହାରେ ରଖିଥିଲେ । ସେ ଗୋଟିଏ ନିବନ୍ଧ ଲେଖିଛନ୍ତି, ଯେଉଁମାନେ ନିମ୍ନଲିଖିତ ଉପଦେଶାବଳୀ ଉପରେ ସହମତ ଓ ସାହାଯ୍ୟକାରୀ ହେଉଥିବେ ଯଦ୍ୱାରା ସେହି ଉଦ୍ଦେଶ୍ୟକୁ ପ୍ରାପ୍ତ କରିବାପାଇଁ ମିଳିମିଶି ଯଥା ଶିଘ୍ର କାର୍ଯ୍ୟ ଆରମ୍ଭ କରାଯାଇପାରିବ ।

ତାଙ୍କ ସମ୍ମୁଖରେ ଏ ଉଦ୍ଦେଶ୍ୟ ଥିଲା ଯେ ମହିଳାମାନେ ନିଜର ଓ ଅନ୍ୟ ମହିଳାମାନଙ୍କର ଜ୍ଞାନକୁ ବଢ଼ାନ୍ତୁ । ସେମାନଙ୍କର ନିଜର ଏକ ଅଞ୍ଜୁମନ (ଅନୁଷ୍ଠାନ) ହେଉ ଓ ଯାହାର କାଇଦାକାନୁନ୍ ସ୍ୱତନ୍ତ୍ର ହେଉ । ସେମାନେ ଜଲ୍‌ସା ଇତ୍ୟାଦି ସମ୍ମିଳନୀରେ ଇସ୍‌ଲାମୀୟ ଶିକ୍ଷା ବାବଦରେ ନିଜର ଲେଖା ଓ ନିବନ୍ଧଗୁଡ଼ିକୁ ପାଠ କରନ୍ତୁ ।

ଇସ୍‌ଲାମ୍ ପରିଚିତ ବ୍ୟକ୍ତି ବିଶେଷଙ୍କର ଲେକ୍‌ଚର ମଧ୍ୟ କରାନ୍ତୁ । ମହିଳାମାନଙ୍କର ସମସ୍ତ କାର୍ଯ୍ୟକ୍ରମ ଖଲିଫାଏ ୱ୍କତ୍‌ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସ୍କିମ୍ ଏବଂ ତାହାର ଉନ୍ନତି ସାଧନ ନିମନ୍ତେ ହେଉ । ଯମାତ୍‌ର ଏକତା ପାଇଁ ସେମାନେ ଧର୍ମ ଶିକ୍ଷା ମୁତାବକ ପ୍ରତ୍ୟେକ ପ୍ରକାର କୁର୍‌ବାନୀ (ବଳିଦାନ) କରିବାକୁ ପ୍ରସ୍ତୁତ ରହନ୍ତୁ । ନୈତିକ ଓ ଆଧ୍ୟାତ୍ମିକ ସୁଧାର ଓ ତାହାର ସାଧନର ଅନ୍ୱେଷଣ ରହୁ । ସନ୍ତାନମାନଙ୍କ ତର୍‌ବିୟତ ନିମନ୍ତେ ନିଜର ବିଶେଷ ଦାୟିତ୍ୱକୁ ନିର୍ବାହ କରନ୍ତୁ ଏବଂ ସେମାନଙ୍କୁ କଷ୍ଟସହିଷ୍ଣୁ ବନାନ୍ତୁ । ଧର୍ମଶିକ୍ଷା ସହିତ ପରିଚିତ କରାନ୍ତୁ, ସେମାନଙ୍କ ମଧ୍ୟରେ ଖୁଦା, ରସୁଲ୍ ସ:ଆ:ସ, ମସିହ ମଉଦ ଆ:ସ ଏବଂ ଖଲିଫାମାନଙ୍କ ସହିତ ପ୍ରେମଭାବ ଓ ଆଜ୍ଞାନୁବର୍ତୀତାର ମନୋଭାବ ସୃଷ୍ଟି କରାନ୍ତୁ । ସେମାନଙ୍କଠାରେ ଜୀବନକୁ ୱ୍କଫ୍ (ଧର୍ମକାର୍ଯ୍ୟପାଇଁ ଉତ୍ସର୍ଗ) କରିବା ପାଇଁ ଉତ୍ସାହ ସୃଷ୍ଟି କରାନ୍ତୁ । ତନ୍‌ଜିମ୍‌ର ସଦସ୍ୟମାନେ ଆପୋଷରେ ସାହାଯ୍ୟ ସହଯୋଗ କରି କାର୍ଯ୍ୟ କରନ୍ତୁ । ଅନ୍ୟମାନଙ୍କ ଦୋଷ ଦୃବଳାତକୁ ଅଣଦେଖା କରନ୍ତୁ । ଧୈର୍ଯ୍ୟ ଓ ସହନଶୀଳତାର ଗୁଣ ସୃଷ୍ଟି କରନ୍ତୁ । ଲଜ୍‌ନା ଇମାଇଲ୍ଲାଃ ହଲାଣ୍ଡର ୫୦ତମ ବର୍ଷ, ଏହି ଜୁବୁଲି ଅବସରରେ ପତ୍ରିକା ''ଖଦିଜା''ର ବିଶେଷାଙ୍କ ନିମନ୍ତେ ସୟଦନା ହଜୁର ଅନୱ୍‌ର ଅ:ବ:ଅଙ୍କ ବିଶେଷ ବାର୍ତା ।

ଲୋକମାନଙ୍କ ଦ୍ୱାରା ହେଉଥିବା ଥଟ୍ଟା ପରିହାସକୁ ମୁକାବିଲା କରିବା ନିମନ୍ତେ ସେମାନଙ୍କ ମଧ୍ୟରେ ସାହାସ ସୃଷ୍ଟି କରାନ୍ତୁ ଯଦ୍ୱାରା ଅନ୍ୟ ମହିଳାମାନଙ୍କ ପାଇଁ ଏହା ଏକ ଶିକ୍ଷା ହେବ । ଏହି ଉଦ୍ଦେଶ୍ୟକୁ ପୂରଣ କରିବାପାଇଁ ଅନ୍ୟ ମହିଳାମାନଙ୍କୁ ସାଥିରେ ମିଶାନ୍ତୁ । ଯମାତ୍ କୌଣସି ବିଶେଷ ଦଳର ନାମ ନୁହେଁ । ଛୋଟବଡ଼, ଧନୀ ଗରିବ ସମସ୍ତଙ୍କର ନାମ ଯମାତ୍ । ଆପୋଷ ପ୍ରେମଭାବ ଓ ସମାନତା ସୃଷ୍ଟି କରିବାପାଇଁ ଚେଷ୍ଟା କରାଯାଉ । ସବୁ ପ୍ରକାର ସାହାଯ୍ୟ ଓ ସଫଳତା ଅଲ୍ଲାଃଙ୍କ ତରଫରୁ ଆସିଥାଏ । ସେଥିଯୋଗୁଁ ଦୁଆ କରାଯାଉ କି ସେହି ଉଦ୍ଦେଶ୍ୟ ସବୁ ଅଲ୍ଲାଃଙ୍କ ଦ୍ୱାରା ପୂରଣ ହେଉ ଯାହାକୁ ଅଲ୍ଲାଃ ଆମ ଜନ୍ମର ଉଦ୍ଦେଶ୍ୟରୂପେ ରଖିଛନ୍ତି । ପ୍ରାରମ୍ଭରେ ଏଥିରେ ତେରଜଣ ମହିଳା ଦସ୍ତଖତ କରିଥିଲେ ଯେଉଁମାନେ ହଜୁରଙ୍କ ନିର୍ଦ୍ଦେଶ ମୁତାବକ ହଜରତ୍ ଉମ୍ମୁଲ୍ ମୁମିନିନ୍ ର:ଅଙ୍କ ଘରେ ଏକତ୍ରିତ ହୋଇଥିଲେ । ହଜୁର ର:ଅ ସେହି ମହିଳାମାନଙ୍କୁ ସମ୍ବୋଧନ କଲେ । ଏହା ସହିତ ଲଜ୍‌ନା ଇମାଇଲ୍ଲାର ସ୍ଥାପନା ହୋଇଗଲା । ହଜୁର ର:ଅଙ୍କୁ ଅଲ୍ଲାଃ ତାଲା ଐଶିବାଣୀ ଦ୍ୱାରା ବତାଇଲେ ଯେ ଯଦି ତୁମେ ପଚାଶ ପ୍ରତିଶତ ମହିଳାଙ୍କୁ ସୁଧାରି ଦେବ ତେବେ ଇସ୍‌ଲାମ୍‌ର ଉନ୍ନତି ସାଧନ ହେବ । ସୁତରାଂ ସେ ଲଜ୍‌ନା ଇମାଇଲ୍ଲାର ତର୍‌ବିୟତ (ପ୍ରଶିକ୍ଷଣ) ଏବଂ ସଙ୍ଗଠନ ପ୍ରତି ବହୁତ ଗଭୀର ଧ୍ୟାନ ଦେଉଥିଲେ ।

ସୁତରାଂ ଉପୋରକ୍ତ ଉଦ୍ଦେଶ୍ୟକୁ ସର୍ବଦା ନିଜ ସମ୍ମୁଖରେ ରଖନ୍ତୁ, ଯାହାପାଇଁ ଲଜ୍‌ନା ଇମାଇଲ୍ଲାକୁ ସ୍ଥାପନ କରାଯାଇଥିଲା । ସେଥିଯୋଗୁଁ ଖଲିଫାଙ୍କ ନିକଟରୁ ଦୁଆ ଓ ମାର୍ଗଦର୍ଶନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ଆପଣମାନେ ଏହି ବୁନିଆଦ ଉପଦେଶଗୁଡ଼ିକୁ ନିଜ ଆଖି ଆଗରେ ରଖିବେ ତେବେ ଇନ୍‌ଶାଅଲ୍ଲାଃ ଆପଣଙ୍କରସ ସମସ୍ତ ପ୍ରୋଗ୍ରାମ ଏବଂ ସ୍କିମ୍ ସଫଳ ହେବ ଏବଂ ଆପଣମାନଙ୍କର ପ୍ରତି ପାଦ ଉନ୍ନତି ଆଡ଼କୁ ଅଗ୍ରସର ହେବ । ଅଲ୍ଲାଃ ତାଲା ଆପଣମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ୱସ୍‌ସଲାମ୍, ଖାକ୍‌ସାର୍
(ମିର୍ଜା ମସ୍‌ରୁର୍ ଅହ୍‌ମଦ୍) ଦସ୍ତଖତ
*ଖଲିଫତୁଲ୍ ମସିହିଲ୍ ଖାମିସ୍*

*(ଅଖ୍‌ବାର ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍ ଲଣ୍ଡନ୨୭ ଡ଼ିସେମ୍ବର ୨୦୧୯ କୁ ଧନ୍ୟବାଦ)*

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

**ଇସଲାମର ଇତିହାସରେ ମୁଁ ଆଜି ପର୍ଯ୍ୟନ୍ତ ଶୁଣି ନାହିଁ କି କାହାର ଏଭଳି ମର୍ଯ୍ୟାଦା ପୂର୍ଣ୍ଣ ମହେର ଧାର୍ଯ୍ୟ କରାଯାଇଥିବ, ଯେପରିକି ହଜରତ ଉମ୍ମେ ସୁଲୈମ ର.ଅଙ୍କ ମହେର ଥିଲା ।**

**ହଜରତ ଅବୁ ତଲହା ର.ଅ ହଜୁର ସ.ଅଙ୍କ ସମୟ କାଳରେ ମଧ୍ୟ ଜେହାଦ କରିବା ଯୋଗୁଁ ନଫ୍‌ଲି ରୋଜା (ଉପବାସ) ରଖୁ ନଥିଲେ । ଯଦ୍ୱାରା ସେ ଦୁର୍ବଳ ହୋଇ ନଯିବେ । ହଜରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେତେବେଳେ ହଜୁର ସ.ଅଙ୍କର ଦେହାନ୍ତ ଘଟିଲା, ମୁଁ ତାଙ୍କୁ କେବଳ ଇଦୁଲ୍ ଫିତର ଓ ଇଦୁଲ୍ ଅଜେହା ବ୍ୟତୀତ କଦାପି ଉପବାସ ନଥିବାର ଦେଖି ନାହିଁ ।**

**ନିଷ୍ଠା ଓ ବିଶ୍ୱସ୍ତତାର ସାକ୍ଷାତ ପ୍ରତିବିମ୍ବ ବଦରୀ ସାହାବୀ ହଜରତ ଅବୁ ତଲହା ର.ଅଙ୍କର ପବିତ୍ର ଜୀବନୀର ହୃଦୟଗ୍ରାହୀ ଚର୍ଚ୍ଚା ।**

**ନିଜ କାର୍ଯ୍ୟରେ ସିଦ୍ଧହସ୍ତ, ସୁନ୍ଦର ଓ ଅତ୍ୟନ୍ତ ମନଯୋଗର ସହ ପାଖାପାଖି ୬୨ବର୍ଷ ଉତ୍ସର୍ଗୀତ ଜୀବନର ସହ ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଥିବା ପୂର୍ବତନ ଅତିରିକ୍ତ ବ୍ୟକ୍ତିଗତ ସହାୟକ (ରବୱା) ମାନ୍ୟବର ବାବୁ ମୁହମ୍ମଦ ଲତିଫ୍ ସାହେବଙ୍କ ପରଲୋକ । ମୃତକଙ୍କ ଉତମ ଚରିତ୍ର ଚର୍ଚ୍ଚା ଓ ନମାଜ ଜନାଯାଃ ଗାଏବ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୩୧ ଜାନୁୟାରୀ ୨୦୨୦ ଅନୁଯାୟୀ ୩୧ ସୁଲାହ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନୱର ଅ.ବ କହିଲେ- ଆଜି ଯେଉଁ ସାହାବିଙ୍କର ଚର୍ଚ୍ଚା କରିବି ସେ ହେଲେ ହଜରତ ଅବୁ ତଲହା ର.ଅ । ହଜରତ ଅବୁ ତଲହା ଅନସାରୀଙ୍କ ବାସ୍ତବିକ ନାମ ଜୈଦ ଥିଲା । ତାଙ୍କ ସମ୍ପର୍କ ଖଜରଜ୍ ସମ୍ପ୍ରଦାୟ ସହିତ ଥିଲା । ଏବଂ ସେ ଉକ୍ତ ସମ୍ପ୍ରଦାୟର ଅଦଥପତି ଥିଲେ । ହଜରତ ଅବଦ୍ଧୁଲ୍ଲାଃ ବିନ୍ ରୱାହା ବୈଅତେ ଅକବାରେ ଶାମିଲ ଥିଲେ । ହଜରତ ଅବୁ ତଲହା ର.ଅ ବୈଅତେ ଅକବା ସାନିୟାରେ ହଜୁର ସ.ଅଙ୍କ ପବିତ୍ର ହସ୍ତରେ ବୈଅତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ । ହଜରତ ଅବୁ ତଲହା ର.ଅ ଗହମ ବର୍ଣ୍ଣ ଓ ମଧ୍ୟମ ଉଚ୍ଚତା ବିଶିଷ୍ଟ ବ୍ୟକ୍ତି ଥିଲେ । ସେ କଦାପି ନିଜ କେଶ ଓ ଦାଢ଼ିରେ ରଙ୍ଗ ଲେପନ କରି ନଥିଲେ । ( ଅସଦୁଲ୍ ଗାବା ଭାଗ ୫ ପୃ- ୧୮୩,୧୮୪) ଯେଭଳି ସ୍ୱାଭାବିକ କେଶ ଥିଲା ସେହିପରି ରଖୁଥିଲେ ।

ହଜରତ ଅନସ ର.ଅ ହଜରତ ଅବୁ ତଲହା ର.ଅଙ୍କ ରବିବ୍ (ସାବତ ପୁଅ) ଥିଲେ । ହଜରତ ଉମ୍ମେ ସଲୈମ୍ ର.ଅଙ୍କ ପ୍ରଥମ ସ୍ୱାମୀ ମାଲିକ୍ ବିନ୍ ନଜର ଥିଲେ । ତାଙ୍କ ଦେହାନ୍ତ ପରେ ହଜରତ ଅବୁ ତଲହା ର.ଅ ତାଙ୍କୁ ବିବାହ କରିଥିଲେ । ଏବଂ ତାଙ୍କ ଔରଷରୁ ଅବଦ୍ଧୁଲ୍ଲାଃ ଓ ଉମୈର ଜନ୍ମ ନେଇଥିଲେ ।

(ଇସତୟାବ ଫି ମାରୁଫତୁଲ୍ ଅସହାବ ଭାଗ ୨ ପୃ- ୧୨୪)

ହଜରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜରତ ଅବୁ ତଲହା ର.ଅ ଉମ୍ମେ ସଲୈମଙ୍କୁ ବିବାହ କରିବା ନିମନ୍ତେ ସନ୍ଦେଶ ପଠାଇଥିଲେ । ଉମ୍ମେ ସଲୈମ ର.ଅ କହିଲେ ମୁଁ ଈଶ୍ୱରଙ୍କ ଶପଥ କରି କହୁଅଛି ଯେ, ଯଦି ଆପଣ ମୁସଲମାନ ହୋଇଥାନ୍ତେ ତେବେ ମୋର ଆପଣଙ୍କ ସହ ବିବାହ କରିବାରେ କୌଣସି ଆପତି ନଥାନ୍ତା । ହେଲେ ଆପଣ ତ ଅଣମୁସଲମାନ ଏପରି ଅବସ୍ଥାରେ ମୋର ଆପଣଙ୍କ ସହିତ ବିବାହ କରିବା ଅବୈଧ । ହଁ ଯଦି ଆପଣ ଇସଲାମ ଧର୍ମାଲମ୍ବୀ ହୋଇଯିବେ ତେବେ ମୋର ଆପଣଙ୍କ ସହ ବିବାହ କରିବାରେ କୌଣସି ଆପତି ନାହିଁ ଏବଂ ତାହା ହିଁ ମୋର ମହେର ହେବ ତଥା ମୁଁ ତାହା ବ୍ୟତୀତ ଅନ୍ୟଥା କିଛି ଆପଣଙ୍କୁ ମାଗିବି ନାହିଁ । ସୁତରାଂ ହଜରତ ଅବୁ ତଲହା ର.ଅ ଇସଲାମ ଧର୍ମରେ ଦୀକ୍ଷିତ ହେଲେ ଏବଂ ତାହା ହିଁ ତାଙ୍କର ମହେର ରହିଥିଲା । ହଜରତ ସାବିତ ର.ଅ କହୁଥିଲେ ଯେ ମୁଁ ଆଜି ପର୍ଯ୍ୟନ୍ତ ଏପରି କଥା ଶୁଣି ନାହିଁ ଯେ ଯଦି କୌଣସି ବ୍ୟକ୍ତି ଇସଲାମ ଧର୍ମ ଗ୍ରହଣ କରିନିଏ ତେବେ ତାହା ହିଁ ତା ପତ୍ନୀ ପାଇଁ ମହେର ଧାର୍ଯ୍ୟ ହେବ ଏବଂ ତାହା ସମ୍ମାନସ୍ୱଦ ହେବ ଯେପରି ଉମ୍ମେ ସୁଲୈମ୍‌ଙ୍କର ମହେର ଥିଲା ।

(ସନନ୍ ନିସାଇ କିତାବୁଲ୍ ନିକାଃ ହଦିସ୍ ନଂ- ୩୩୪୧ )

ହଜରତ ଅବୁ ତଲହା ର.ଅ ବର୍ଣ୍ଣନା କରନ୍ତି- ନବୀ କରିମ୍ ସ.ଅ ବଦର ଯୁଦ୍ଧ ଦିନ କୁରୈଶମାନଙ୍କ ଅଧିପତିଙ୍କ ମଧ୍ୟରୁ ୨୪ଜଣ ବ୍ୟକ୍ତିଙ୍କ ସମ୍ପର୍କରେ ଆଦେଶ ଦେଲେ ଏବଂ ସେମାନଙ୍କୁ ବଦରର ଏକ ଅପବିତ୍ର କୂପରେ ନିକ୍ଷେପ କରିଦିଆଗଲା । ଯେତେବେଳେ ସେ କୌଣସି ଜାତି ଉପରେ ବିଜୟ ଲାଭ କରୁଥିଲେ ସେତେବେଳେ ପଡ଼ିଆରେ ତିନି ରାତି ଅବସ୍ଥାନ କରୁଥିଲେ । ଅତଏବ ଯେତେବେଳେ ବଦର ଯୁଦ୍ଧ ଭୂମିରେ ଅଟକିଲେ ଏବଂ ତୃତୀୟ ଦିନ ପାହିଲା ସେତେବେଳେ ହଜୁର ସ.ଅ ଆଗକୁ ବଢ଼ିଲେ ଏବଂ ସାହାବାମାନେ ମଧ୍ୟ ହଜୁର ସ.ଅଙ୍କ ସାଥିରେ ଅଗ୍ରସର ହେଲେ ଏବଂ କହୁଥିଲେ କି ଆମେ ମନେକରୁଥିଲୁ କି ହଜୁର ସ.ଅ କୌଣସି ଉଦ୍ଦେଶ୍ୟ ରଖି ସେଠାକୁ ଯାଉଛନ୍ତି । ହଜୁର ସ.ଅ ଉକ୍ତ କୂପର ଚାନ୍ଦିନିରେ ପହଂଚି ଦଣ୍ଡାୟମାନ ହେଲେ ଯେଉଁଠାରେ ୨୪ ଜଣ ବ୍ୟକ୍ତିଙ୍କ ଶବକୁ କୂଅ ଭିତରକୁ ନିକ୍ଷେପ କରାଯାଇଥିଲା, ଉକ୍ତ କୂପଟି ବନ୍ଦ ଥିଲା । ହଜୁର ସ.ଅ ଉକ୍ତ ମୃତକମାନଙ୍କ ପିତାଙ୍କ ନାମ ଧରି ଡ଼ାକିବାକୁ ଲାଗିଲେ ହେ ଅମକର ପୁତ୍ର, ହେ ଅମକର ପୁତ୍ର ! କଣ ବର୍ତମାନ ତୁମେ ପ୍ରସନ୍ନ ? ଯଦି ତୁମେମାନେ ଅଲ୍ଲାଃ ଓ ତାଙ୍କ ପ୍ରେରିତ ଦୂତଙ୍କ ଆଜ୍ଞାପାଳନ କରିଥାଅନ୍ତ ତେବେ ଆଜି ଏପରି ପରିଣାମ ଭୋଗ କରି ନଥାନ୍ତ । କାରଣ ଆମମାନଙ୍କ ପ୍ରଭୁ ଆମମାନଙ୍କୁ ଯେଉଁ ପ୍ରତିଶୃତି ଦେଇଥିଲେ ଆମେ ଆଜି ଉକ୍ତ ସତ୍ୟକକୁ ପ୍ରାପ୍ତ କରିନେଇଛୁ । କଣ ତୁମେମାନେ ନିଜ ପ୍ରଭୁଙ୍କ ପ୍ରତିଶୃତି ଅନୁଯାୟୀ ନିଜର କର୍ମଫଳକୁ ପ୍ରାପ୍ତ କରିନ ? ଅବୁ ତଲହା ର.ଅ କହୁଥିଲେ ଯେ, ହଜରତ ଉମର ର.ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଆପଣ ଏହି ଶବମାନଙ୍କ ସହ କଣ କଥା ହେଉଛନ୍ତି । ସେମାନେ ତ ନିର୍ଜୀବ ଅଟନ୍ତି । ହଜୁର ସ.ଅ କହିଲେ ସେହି ପ୍ରଭୁଙ୍କ ରାଣ ଯାହାଙ୍କ ହସ୍ତରେ ମୋ ପ୍ରାଣ ବାୟୁ ରହିଛି, ମୁଁ ଯେଉଁ କଥା କହୁଅଛି ସେମାନେ ତୁମଠାରୁ ବେଶ୍ ଭାବରେ ଶୁଣି ପାରୁଛନ୍ତି ।

(ସହି ବୁଖାରୀ ହଦିସ୍ ନଂ-୩୯୭୬)

ହଜରତ ଅନସ୍ ବର୍ଣ୍ଣନା କରନ୍ତି କି ଯେତେବେଳେ ଓ୍ୱହଦ୍ ଯୁଦ୍ଧ ହେଲା ସେତେବେଳେ ଲୋକମାନେ ପରାଜିତ ହୋଇ ନବୀ କରିମ୍ ସ.ଅଙ୍କ ଠାରୁ ପୃଥକ ହୋଇଗଲେ ଏବଂ ହଜରତ ଅବୁ ତଲହା ନବୀ କରିମ୍ ସ.ଅଙ୍କ ସମକ୍ଷରେ ଛିଡ଼ା ହୋଇ ରହିଲେ ଏବଂ

ହଜରତ ଅବୁ ତଲହା ର.ଅ ଏପରି ତୀର ଚାଳନାକାରୀ ଥିଲେ ଯିଏ ଖୁବ ଜୋରରେ ଧନୁକୁ ଟାଣୁଥିଲେ । ସେହି ଦିନ ସେ ଦୁଇ କିମ୍ବା ତିନୋଟି ଧନୁ ଭାଙ୍ଗିଥିଲେ ଏବଂ ଯେକୋଣସି ବ୍ୟକ୍ତି ତୀରର ଥଳି ନିଜ ସଙ୍ଗରେ ଧରି ଅତିକ୍ରମ କରୁଥିଲା ହଜୁର ସ.ଅ ସେହି ବ୍ୟକ୍ତିକୁ କହୁଥିଲେ ଯେ, ତୁମେ ନିଜର ଧନୁତୀର ଅବୁ ତଲହାଙ୍କୁ ପ୍ରଦାନ କର । ହଜରତ ଅନସ୍ ବର୍ଣ୍ଣନା କରନ୍ତି କି ଯେତେବେଳେ ନବୀ କରିମ ସ.ଅ ନିଜ ଶିର ଉପରକୁ ଉଠାଇ ଲୋକମାନଙ୍କୁ ଦେଖୁଥିଲେ ସେତେବେଳେ ହଜରତ ଅବୁ ତଲହା ର.ଅ କହୁଥିଲେ **ବିଅବି ଅନତା ଓ୍ଵ ଉମ୍ମି ୟା ରସୁଲୁଲ୍ଲାହି ଲାୟୁସିବୁକା ସହମୁନ୍ ନହରି ଦୁନା ନହରିକା** ଅର୍ଥାତ ମୋ ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ, ଆପଣ ମୁଣ୍ଡ ଉଠାଇ ଦେଖନ୍ତୁ ନାହିଁ । କାରଣ ସେମାନଙ୍କର କୌଣସି ତୀର ଆପଣଙ୍କୁ ଲାଗିବାର ଯଥେଷ୍ଟ ସମ୍ଭାବନା ରହିଛି । ମୋର ଛାତି ଆପଣଙ୍କ ଛାତି ସମ୍ମୁଖରେ ରହିଅଛି ।

(ସହି ବୁଖାରୀ ହଦିସ୍ ନଂ-୩୮୪,୩୮୫)

ହଜରତ ଅନସ୍ ବର୍ଣ୍ଣନା କରନ୍ତି କି ହଜରତ ଅବୁ ତଲହା ର.ଅ ଗୋଟିଏ ଢାଲରେ ହଜୁର ସ.ଅଙ୍କର ସୁରକ୍ଷା କରୁଥିଲେ ଏବଂ ଜଣେ ସୁଦକ୍ଷ ଧନୁର୍ଦ୍ଧର ମଧ୍ୟ ଥିଲେ । ଯେତେବେଳେ ସେ ତୀର ଚଳାଉଥିଲେ ସେତେବେଳେ ନବୀ କରିମ ସ.ଅ ଉଣ୍ଟୁଥିଲେ । ଏବଂ ସେହି ତୀରଗୁଡ଼ିକର ଲକ୍ଷ୍ୟସ୍ଥଳକୁ ଯାଇ ନିରୀକ୍ଷଣ କରୁଥିଲେ ।

(ସହି ବୁଖାରୀ ହଦିସ୍ ନଂ-୨୯୦୨)

ସୁତରାଂ ଉପରୋକ୍ତ ବର୍ଣ୍ଣନା ବୁଖାରୀର ଅଟେ । ଓ୍ଵହଦ ଯୁଦ୍ଧରେ ହଜରତ ଅବୁ ତଲହା ର.ଅଙ୍କର ଏହି କବିତା ପଢିବାର ମଧ୍ୟ ରହିଛି- **ଓୟହି ଲିଓୟହିକା ଓ୍ଵିକାଆ ଓନଫସି ଲିନଫସିକା ଅଲଫିଦାଆ** ଅର୍ଥାତ ମୋର ମୁଖ ଆପଣଙ୍କ ମୁଖକୁ ସୁରକ୍ଷା ଦେବା ପାଇଁ ନିୟୋଜିତ ହୋଇଛି ବା ଉଦ୍ଦିଷ୍ଟ ଏବଂ ମୋର ଜୀବନ ଆପଣଙ୍କ ପାଇଁ ଉତ୍ସର୍ଗ ଅଟେ ।

(ମସନଦ୍ ଅହମଦ ବିନ୍ ହମ୍ବଲ ଭାଗ ୪ ହଦିସ୍ ନଂ-୧୩୭୮୧)

ହଜରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ଲ ସ.ଅ ମଦିନା ଆସିଲେ ସେତେବେଳେ ଆପଣଙ୍କର କୌଣସି ସେବକ ନଥିଲେ । ହଜରତ ଅବୁ ବକର ର.ଅ ମୋ ହାତକୁ ଧରିଲେ ଏବଂ ମୋତେ ହଜୁର ସ.ଅଙ୍କ ନିକଟକୁ ନେଇଗଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ ସ.ଅ ଅନସ୍ ବୁଦ୍ଧିମାନ ବାଳକ ଅଟେ, ଏ ଆପଣଙ୍କର ସେବା କରିବ । ଯେତେବେଳେ ହଜୁର ସ.ଅ ବାହାରକୁ ଆସନ୍ତି ସେତେବଳେ ଏହି ଦୁଆ ପାଠ କରନ୍ତି **ଅଲ୍ଲାହୁମ୍ମା ଇନ୍ନି ଅଉୟୁବିକା ମିନଲ୍ ହମ୍ମି ଓଲ୍ ହୁୟନି ଓଲ୍ ଅଜ୍‌ୟି ଓଲ୍ କସଲି ଓଲ୍‌ବୁଖ୍‌ଲି ଓଲ୍‌ୟୁବନି ଓଜଲାଇଦ୍ ଦୈନି ଓଗଲବତିର ରିଜାଲ** ଅର୍ଥାତ ହେ ମୋର ପ୍ରଭୁ ! ମୁଁ ତୁମ ସରଣ ଭିକ୍ଷା କରୁଅଛି ଦୁଃଖ, ମନସ୍ତାପ ଓ ଅଳସୁଆମି ତଥା କୃପଣତା, କାପୁରୁଷତା, କରଜର ବୋଝ ଏବଂ ଲୋକମାନଙ୍କ କଠୋରତା ଆଦିରୁ । (ସହି ବୁଖାରୀ ହଦିସ୍ ନଂ-୨୮୯୩)

ହଜରତ ଅନସ୍ ର.ଅ କରନ୍ତି ଯେ, ମୁଁ ଯାତ୍ରା ସମୟରେ ଏବଂ ମଦିନାରେ ଅବସ୍ଥାନ ସମୟରେ ହଜୁର ସ.ଅଙ୍କର ସେବା କଲି । ହଜରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ ଆମେ ହଜୁର ସ.ଅଙ୍କ ସାଥିରେ ଥିଲୁ ସେତେବେଳେ ହଜୁର ସ.ଅ ଅସଫାନ୍ ଯାହାକି ମକ୍କା ଓ ମଦିନାର ମଧ୍ୟବର୍ତ୍ତୀ ସ୍ଥାନର ନାମ ଅଟେ । ଆମେ ଫେରିଲୁ ଏବଂ ହଜୁର ସ.ଅ ସେତେବେଳେ ନିଜର ଓଟ ଉପରେ ଆରୋହଣ କରିଥିଲେ ଏବଂ ହଜୁର ସ.ଅ ସଫିୟା ବିନତ୍ ହୁଇଙ୍କୁ ନିଜ ପଛରେ ବସାଇଥିଲେ । ହଜୁର ସ.ଅଙ୍କ ଓଟ ଝୁଣ୍ଟି ପଡ଼ିଲା ଯଦ୍ଵାରା ହଜୁର ସ.ଅ ଓ ହଜରତ ସଫିୟା ର.ଅ ଓଟ ଉପରୁ ଖସି ପଡ଼ିଲେ । ଏହା ଦେଖି ହଜରତ ଅବୁ ତଲହା ଦ୍ରୁତ ବେଗରେ ଓଟରୁ ଲମ୍ଫ ପ୍ରଦାନ କଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ ସ.ଅ ମୁଁ ଆପଣଙ୍କ ଉପରେ ଉତ୍ସର୍ଗ । ହଜୁର ଉତର ଦେଲେ ପ୍ରଥମେ ମହିଳାଙ୍କ ଖବର ନିଅ । ହଜରତ ଅବୁ ତଲହା ଉଭୟଙ୍କ ବାହନକୁ ଠିକ୍ କଲେ ଯେଉଁଥିରେ ସେମାନେ ଆରୋହଣ କରିଥିଲେ ଏବଂ ଆମେମାନେ ହଜୁର ସ.ଅଙ୍କ ଚର୍ତୁପାର୍ଶ୍ଵରେ କୁଣ୍ଡଳୀ କରିନେଲୁ ଯେତେବେଳେ ଆମେ ମଦିନାରେ ପହଂଚିଲୁ ହଜୁର ସ.ଅ କହିଲେ ଅଇବୁନା ତାଇବୁନା ଆବିଦୁନା ଲିରବ୍‌ବିନା ହାମିଦୁନା ଅର୍ଥାତ ଆମେ ପତ୍ୟାବର୍ତନ କଲୁ, ଆମେ ନିଜ ପାଳନକର୍ତାଙ୍କ ନିକଟରେ କ୍ଷମା ଭିକ୍ଷା କରୁଅଛୁ । ଆମେ ନିଜ ପ୍ରଭୁଙ୍କ ଉପାସନାକାରୀ ତଥା ତାଙ୍କୁ ପ୍ରଶଂସାଗାନକାରୀ ଅଟୁ । ହଜୁର ସ.ଅ ମଦିନାରେ ପ୍ରବେଶ କରିବା ପର୍ଯ୍ୟନ୍ତ ଏହି ପଙକ୍ତି ଆବୃତି କରିଚାଲିଥିଲେ ।

(ସହି ବୁଖାରୀ ହଦିସ୍ ନଂ- ୩୦୮୫)

ହଜରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ ରସୁଲଲ୍ଲାଃ ସ.ଅ ଖୈବର ଉପରେ ଆକ୍ରମଣ କଲେ ଏବଂ ଆମେମାନେ ତାହା ନିକଟକୁ ଯାଇ ସେଠାରେ ସକାଳ ନମାଜ ପାଠ କଲୁ । ଅପର ପକ୍ଷରେ ବର୍ତମାନ ଅନ୍ଧକାର ଥିଲା । ପୁନଶ୍ଚ ନବୀ କରିମ ସ.ଅ ଓଟ ଉପରେ ଆରୋହଣ କଲେ ଏବଂ ହଜରତ ଅବୁ ତଲହା ହଜୁର ସ.ଅଙ୍କ ପଛରେ ବସିଥିଲେ । ହଜୁର ସ.ଅ ଖୈବର ପଡ଼ିଆରେ ନିଜର ଘୋଡ଼ା ଦୌଡ଼ାଇଲେ ସେତେବେଳେ ମୋ ଆଣ୍ଠୁ ହଜୁର ସ.ଅଙ୍କ ଜଙ୍ଘରେ ବାଜିଲା ଉଭୟେ ଏଭଳି ନିକଟତର ଥିଲେ ସେ କୁହନ୍ତି ଏପରି ମୁଁ ହଜୁର ସ.ଅ ଜଙ୍ଘର ଧବଳ ବର୍ଣ୍ଣ ଦେଖିନେଲି ଯେତେବେଳେ ଆପଣ ଗ୍ରାମରେ ପ୍ରବେଶ କଲେ ଏବଂ କହିଲେ **ଅଲ୍ଲାହୁ ଅକବର୍ କରିବତ୍ ଖୈବରୁ ଇନ୍ନା ଇଜା ନଜଲ୍‌ନା ବିସାହତି କୌମିନ୍ ଫସାଅ ସବାହୁଲ୍ ମୁନଜରିନ୍** ଅର୍ଥାତ ଅଲ୍ଲାଃ ହିଁ ସବୁଠାରୁ ବଡ଼, ଖୈବର ଉଜୁଡ଼ିଗଲା । ଆମେ ଯେତେବେଳେ କୌଣସି ଗୋଷ୍ଠୀର ମଧ୍ୟରେ ନିଜର ସିବିର ଲଗାଇଥାଉ ସେତେବେଳେ ସେମାନଙ୍କ ସକାଳ ଅତି ମନ୍ଦ ହୋଇଥାଏ । ଯାହାଙ୍କୁ ଐଶରିକ ଦଣ୍ଡ ଦ୍ଵାରା ଭୟଭିତ କରାଯାଇଥିଲା ।

ହଜରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ ମୁସଲମାନମାନେ ଯୁଦ୍ଧରେ ବିଜୟ ପ୍ରାପ୍ତି କରିବା ପରେ କଏଦୀମାନଙ୍କୁ ଏକତ୍ରିତ କଲେ । ତାପରେ ହଜରତ ହଦିୟା କଲବି ର.ଅ ଆସିଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ନବୀ ! ମୋତେ ଏହି କଏଦୀମାନଙ୍କ ମଧ୍ୟରୁ ଗୋଟିଏ ଦାସି ପ୍ରଦାନ କରନ୍ତୁ । ହଜୁର ସ.ଅ ତାଙ୍କୁ ଏହାର ଅନୁମତି ପ୍ରଦାନ କଲେ । ଅତଏବ ସେ ହୁଏକିଙ୍କ କନ୍ୟା ସଫିୟାଙ୍କୁ ନେଲେ । ଏଥିରେ ଆଉ ଜଣେ ବ୍ୟକ୍ତି ହଜୁର ସ.ଅଙ୍କ ନିକଟକୁ ଆସିଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ ଆପଣ ଦହୟାଙ୍କୁ ସଫିୟା ପ୍ରଦାନ କଲେ ସେ ତ କେବଳ ଆପଣଙ୍କ ଯୋଗ୍ୟ ଅଟନ୍ତି । ହଜୁର ସ.ଅ ତାଙ୍କୁ କହିଲେ ଉକ୍ତ ସାହାବାଙ୍କୁ ଡ଼ାକ ଅତଏବ ସେ ହଜରତ ସଫିୟାଙ୍କୁ ସାଥିରେ ନେଇ ଆସିଲେ । ହଜୁର ସ.ଅ ହଜରତ ଦହୟାଙ୍କୁ କହିଲେ ଏହି କଏଦୀମାନଙ୍କ ମଧ୍ୟରୁ କାହାରିକୁ ନେଇ ନିଅ । ହଜରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ତା'ପରେ କହୁର ସ.ଅ ହଜରତ ସଫିୟାଙ୍କୁ ସ୍ଵାଧୀନ କରି ତାଙ୍କ ସହ ବିବାହ କରିନେଲେ । ଏଥିରେ ହଜରତ ସାବିତ ହଜରତ ଅନସ୍‌ଙ୍କୁ ପଚାରିଲେ ହଜୁର ସ.ଅ ତାଙ୍କର ମେହର କଣ ଧାର୍ଯ୍ୟ କଲେ ? ସେ ଉତର ଦେଲେ ତାଙ୍କୁ ସ୍ଵାଧୀନ କରିବା । ସେତେବେଳେ ସେମାନେ ରାସ୍ତାରେ ଥିଲେ । ହଜରତ ଉମ୍ମେ ସଲିମ୍ ହଜରତ ସଫିଆଙ୍କୁ ଗହଣାଗାଣ୍ଠିରେ ସଜ୍ଜିତ କଲେ । ତାପରେ ହଜୁର ସ.ଅ କହିଲେ ଯାହା ନିକଟରେ କିଛି ଖାଦ୍ୟ ପ୍ରଦାର୍ଥ ଅଛି ସେ ଘେନି ଆଣନ୍ତୁ । ହଜୁର ସ.ଅ ଚମଡ଼ାର ବିଛଣା ବିଛେଇଲେ, ଇତି ମଧ୍ୟରେ କେହି ଖଜୁର ନେଇ ଆସିଲା ତ କିଏ ଘିଅ ଆଉ କେହି ସତୁ (ଛତୁଆ) । ସେ କୁହନ୍ତି ସେ ସମସ୍ତ ଖାଦ୍ୟ ସାମଗ୍ରୀକୁ ମିଶ୍ରିତ କରିଦିଆଗଲା ଏବଂ ଏହା ହିଁ ହଜୁର ସ.ଅଙ୍କ ଓଲିମା ଥିଲା ।

(ସହି ବୁଖାରୀ ହଦିସ୍ ନଂ-୩୭୧)

ହଜରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ କରିମ ସ.ଅ କହିଲେ ହୁନୈନ୍ ଯୁଦ୍ଧ ଦିନ ଯେଉଁ ବ୍ୟକ୍ତି କୌଣସି ଅବଜ୍ଞାକାରୀ ବଦ୍ଧ କରିବ ତେବେ ସେହି ବ୍ୟକ୍ତିକୁ ହିଁ ଉକ୍ତ ବଦ୍ଧ ହୋଇଥିବା ବ୍ୟକ୍ତିର ଧନ ସମ୍ପତି ପ୍ରାପ୍ତ ହେବ । ସେହି ଦିନ ହଜରତ ଅବୁ ତଲହା ର.ଅ ୨୦ଜଣ ଅମାନ୍ୟକାରୀଙ୍କୁ ବଦ୍ଧ କରିଥିଲେ ଏବଂ ସେମାନଙ୍କର ସମସ୍ତ ଧନ ସମ୍ପତି ତଥା ଆସବାବ ପତ୍ର ମଧ୍ୟ ସେ ନେଇଥିଲେ ଏବଂ ହଜରତ ଅବୁ ତଲହା ର.ଅ ସେହି ଦିନ ହିଁ ଉମ୍ମେ ସୁଲୈମଙ୍କୁ ଦେଖିଲେ କି ତାଙ୍କ ନିକଟରେ ଏକ ଛୁରୀ ରହିଛି । ସେ ପଚାରିଲେ ହେ ଉମ୍ମେ ସୁଲୈମ ଏଇଟା କ'ଣ ଅଛି ? ସେ ଉତର ଦେଲେ ମୁଁ ଈଶ୍ଵରଙ୍କ ଶପଥ କରି କହୁଛି, ମୋର ଯୋଜନା ଥିଲା କି ଯଦି କୌଣସି ଅମାନ୍ୟକାରୀ ମୋ ନିକଟକୁ ଆସେ ତାହାହେଲେ ମୁଁ ଏହି ଛୁରୀ ସାହାଯ୍ୟରେ ତାହାର ପେଟକୁ ବିଦୀର୍ଣ୍ଣ କରିଦେବି । ହଜରତ ଅବୁ ତଲହା ର.ଅ ରସୁଲୁଲ୍ଲାଃ ସ.ଅଙ୍କୁ ଏକଥା କହିଲେ । ହଜରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରିମ୍ ସ.ଅ କହିଲେ ଯେ, ସୈନ୍ୟ ଦଳ ମଧ୍ୟରେ ହଜରତ ଅବୁ ତଲହା ର.ଅଙ୍କ ସ୍ଵର ଏକ ଦଳ ଉପରେ ଅଧିକ ପ୍ରଭାବ ବିସ୍ତାର କରୁଥିଲା । ଅନ୍ୟ କେତେକ ବର୍ଣ୍ଣନାରେ ୧୦୦ କିମ୍ବା ୧୦୦୦ଜଣ ବ୍ୟକ୍ତିଙ୍କ ମଧ୍ୟ ଉଲ୍ଲେଖ ଅଛି ।

(ମସନଦ ଅହମଦ ବିନ୍ ହମ୍ବଲ ଭାଗ ୪ ପୃ-୨୮୬)

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family, Jamat Ahmadiyya, Pankal (Odisha)*

ହଜରତ ଅବୁ ତଲହା ର.ଅ ୩୪ହିଜରୀରେ ମଦିନାରେ ମୃତ୍ୟୁ ବରଣ କରିଥିଲେ ଏବଂ ହଜରତ ଉସମାନ ର.ଅ ତାଙ୍କର ନମାଜ ଜନାଯାଃ ପାଠ କରିଥିଲେ । ସେତେବେଳେ ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା । ଅପର ପକ୍ଷରେ ବସରାବାସୀଙ୍କ ନିକଟରେ ତାଙ୍କର ମୃତ୍ୟୁ ଏକ ସାମୁଦ୍ରିକ ଯାତ୍ରା ସମୟରେ ହୋଇଥିଲା ଏବଂ ଏକ ଦ୍ୱୀପରେ ତାଙ୍କୁ କବର ଦିଆଯାଇଥିଲା । (ତବକାତୁଲ୍ କୁବରା ଭାଗ ୩ ପୃ-୩୮୫)

ହଜରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି- ହଜରତ ଅବୁ ତଲହା ର.ଅ ନବୀ କରିମ ସ.ଅଙ୍କ କାଳରେ ଧର୍ମଯୁଦ୍ଧ ସକାଶେ ନଫିଲ୍ ରୋଜା (ବ୍ରତ) ପାଳନ କରୁଥିଲେ । କାରଣ ବଳ ଯେମିତି କମ୍ ନହେଉ ଏବଂ ହଜରତ ଅନସ୍ ର.ଅ ଅଧିକନ୍ତୁ କୁହନ୍ତି ଯେ ଯେତେବେଳେ ନବୀ କରିମ୍ ସ.ଅଙ୍କର ଦେହାବସାନ ଘଟିଥିଲା ସେତେବେଳେ ମୁଁ ତାଙ୍କୁ ଇଦୁଲ୍ ଫିତର୍ ଓ ଅଜିହା ଦିନ ବ୍ୟତୀତ ଅନ୍ୟ ସମସ୍ତ ତାଙ୍କୁ ବ୍ରତ ପାଳନ କରୁଥିବାର ଦେଖି ନାହିଁ । ଏହା ପରଠାରୁ ସେ ନିୟମିତ ଓଷା ରଖିବାକୁ ଲାଗି ଯାଇଥିଲେ ।

( ସହି ବୁଖାରୀ ହଦିସ୍ ନଂ-୨୮୨୮)

ହଜରତ ଅବୁ ତଲହା ର.ଅଙ୍କ ଅତିଥି ସତ୍କାରର ଘଟଣା ଏପରି ଉଲ୍ଲେଖ ରହିଛି, ହଜରତ ଅବୁ ହୁରୈରା ର.ଅ ବର୍ଣ୍ଣନା କରନ୍ତି ଯେ ଜଣେ ବ୍ୟକ୍ତି ନବୀ କରିମ ସ.ଅଙ୍କ ପାଖକୁ ଆସିଲା, ହଜୁର ସ.ଅ କହିଲେ ଏହି ଅତିଥି ହେଉଛନ୍ତି ହଜୁର ଙ୍କର ତେଣୁ ତୁମେ ତାଙ୍କର ଯଥୋଚିତ ସତ୍କାର କର । ସେ କହିଲେ ଆମ ପାଖରେ ତ କିଛି ଖାଦ୍ୟ ସାମଗ୍ରୀ ନାହିଁ, ହୁଁ ପିଲାମାନଙ୍କ ଖାଇବା ସକାଶେ କିଛି ଖାଦ୍ୟ ରଖିଛି । ହଜରତ ଅବୁ ତଲହା ର.ଅ କହିଲେ ପିଲାମାନଙ୍କୁ ଭୋକିଲା ଶୁଆଇ ଦେବ । ସୁତରାଂ ତାଙ୍କର ପତ୍ନୀ ଭୋଜନ ପ୍ରସ୍ତୁତ କଲେ ଏବଂ ଦୀପ ପ୍ରଜ୍ୱଳିତ କଲେ, ତା'ପରେ ପିଲାମାନଙ୍କୁ ଶୁଆଇଦେଲେ । ପୁନଶ୍ଚ ଏହାପରେ ସେ ଉଠିଲା ଦିପର ଶିଖାକୁ ସଜ କରିବା ଆଳରେ ତାହାକୁ ଲିଭାଇ ଦେଲେ । କାରଣ ସେ ଦୁହେଁ ଅତିଥି ଆଗରେ ନିଜ ଓ ପିଲାମାନଙ୍କର ଭୁକ୍ଷୁତାକୁ ପ୍ରକାଶ କରିବାକୁ ଚାହୁଁ ନଥିଲେ । ସେମାନେ ଅତିଥିଙ୍କ ଆଗରେ ଏହା ପ୍ରଦର୍ଶିତ କରୁଥିଲେ ଯେପରି ସେମାନେ ଖାଉଛନ୍ତି ଅର୍ଥାତ ସେମାନେ ଖାଉ ଥିବାର ଅଭିନୟ କରୁଥିଲେ । କିନ୍ତୁ ବାସ୍ତବରେ ଉକ୍ତ ପରିବାର ଉପାସରେ ରାତ୍ରି ଅତିବାହିତ କଲେ । ସକାଳେ ଯେତେବେଳେ ସେ ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହେଲେ ହଜୁର ତାଙ୍କୁ କହିଲେ ରାତିରେ ତୁମ କାର୍ଯ୍ୟରେ ଅଲ୍ଲାଃତାଲା ମଧ୍ୟ ପ୍ରସନ୍ନ ହୋଇଛନ୍ତି ଏବଂ ଅଲ୍ଲାଃ ଐଶୀବାଣୀ ଅବତୀର୍ଣ୍ଣ କରିଛନ୍ତି **ୱ୍ୟୁସିରୁନା ଅଲା ଅନଫୁସିହିମ୍ ୱ୍ଵଲୌକାନା ବିହିମ୍ ଖସାସାଃ ୱ୍ମନ୍ ୟୁକାଶହ୍‌ହା ନଫସିହି ଫଉଲାଇକା ହୁମୁଲ୍ ମୁଫଲିହୁନ** (ସତଃ ହଶର-୧୦) ଏବଂ ତାହାଙ୍କ ପ୍ରତି ପ୍ରେମ ହେତୁ (ସେମାନେ) ଦରିଦ୍ର, ଅନାଥ ଓ ବନ୍ଦୀମାନଙ୍କୁ ଖାଦ୍ୟ ଖୁଆନ୍ତି ଏବଂ ଯେଉଁମାନଙ୍କୁ ନିଜ କୃପଣତାରୁ ରକ୍ଷା କରାଯାଏ, ଏପରି ସମସ୍ତ ଲୋକ କୃତକାର୍ଯ୍ୟ ହେବେ । (ସହି ବୁଖାରୀ ହଦିସ୍ ନଂ-୩୭୯୮)

ହଜରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜୁର ସ.ଅ ଏକଦା ଯେତେବେଳେ ନିଜ ଶିର ମୁଣ୍ଡନ କଲେ ସେତେବେଳେ ହଜରତ ଅବୁ ତଲହା ର.ଅ ।

(ସହି ବୁଖାରୀ ହଦିସ୍ ନଂ-୧୭୧)

ହଜରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ହଜରତ ଉମ୍ମେ ସଲିମ୍ ର.ଅ କହିଲେ ମୁଁ ହଜୁର ସ.ଅଙ୍କ କଣ୍ଠ ସ୍ୱର ବେଶ୍ ଧିର ଶୁଣି ପଚାରିଲି, କଣ ହଜୁର ଭୋକିଲା ଅଛନ୍ତି । ସେ ପ୍ରଶ୍ନ କଲେ କ'ଣ ତୁମ ନିକଟରେ କିଛି ଖାଇବା ଅଛି ? ସେ ଉତର ଦେଲେ ଜି । ତାପରେ ମୁଁ ଜୋର ରୁଟି ନେଇଆସିଲି । ପୁନଶ୍ଚ ସେ ନିଜର ଏକ ଓଢଣି ଅଣିଲେ ଓ ସେଥିରେ ରୁଟିଗୁଡ଼ିକୁ ଘୋଡ଼ାଇ ମୋ ହସ୍ତରେ ଦେଇଦେଲେ ଏବଂ ମୋତେ ହଜୁର ସ.ଅଙ୍କ ନିକଟକୁ ପ୍ରେରଣ କଲେ । ହଜରତ ଅନସ୍ କୁହନ୍ତି ମୁଁ ତାହାକୁ ନେଇ ଚାଲିଲି ଏବଂ ହଜୁର ସ.ଅଙ୍କୁ ମସଜିଦ୍‌ରେ ବିରାଜମାନ ଥିବାର ଦେଖିବାକୁ ପାଇଲି । ସେତେବେଳେ ହଜୁର ସ.ଅଙ୍କ ନିକଟରେ କିଛି ସାହାବା ବସିଥିଲେ । ହଜୁର ମୋତେ ପଚାରିଲେ କଣ ତୁମକୁ ଅବୁ ତଲହା ପ୍ରେରଣ କରିଛନ୍ତି ? ମୁଁ ଉତର ଦେଲି ଆଜ୍ଞା । ପୁନଶ୍ଚ ପଚାରିଲେ କଣ ସେ ଖାଦ୍ୟ ସାମଗ୍ରୀ ଦେଇ ପଠାଇଛନ୍ତି ? ହଜୁର ସମସ୍ତ ସାହାବାମାନଙ୍କୁ କହିଲେ ଚାଉ ଉଠ ଏବଂ ଖାଇବା ନେବା ପରିବର୍ତେ ମୋତେ ସାଥିରେ ନେଇଚାଲିଲେ । ମୁଁ ଆଗକୁ ବଢିଯାଇ ହଜୁର ସ.ଅଙ୍କ ଆଗମନର ଖବର ହଜରତ ଅବୁ ତଲହାଙ୍କୁ ଦେଲି । ଏହା ଦେଖି ସେ ଉମ୍ମେ ସୁଲେମ୍‌ଙ୍କୁ କହିଲେ ଆମ ନିକଟରେ ତ ଏତେ ପରିମାଣରେ ଖାଦ୍ୟ ନାହିଁ ଯଦ୍ୱାରା ଆମେ ସେମାନଙ୍କ ସତ୍କାର କରିପାରିବା । ସେ ଉତର ଦେଲେ ଅଲ୍ଲାଃ ଓ ତାଙ୍କ ରସୁଲ ବେଶ୍ ଭଲବାବରେ ମାମଲା ସମ୍ବନ୍ଧରେ ଅବଗତ ଅଛନ୍ତି । ବସ୍ତୁତଃ ସେ ବାହାରକୁ ଯାଇ ହଜୁର ସ.ଅଙ୍କ ସହ ସାକ୍ଷାତ କଲେ । ତାପରେ ଭିତରକୁ ପ୍ରବେଶ କରି ଉମ୍ମେ ସୁଲେମ୍‌ଙ୍କୁ କହିଲେ ତୁମ ନିକଟରେ ଯାହା ଅଛି ତାହାକୁ ନେଇ ଆସ । ହଜୁର ସ.ଅ କହିଲେ ଏଗୁଡ଼ିକୁ ଟୁକୁଡ଼ା କର । ତାପରେ ସେ ଘିଅ ନେଇଆସିଲେ ଏବଂ ତାହାକୁ ଏକ ବ୍ୟଞ୍ଜନ ରୂପେ ରଖିଲେ । ହଜୁର ସ.ଅ ସେଠାରେ ଦୁଆ କଲେ ତତ୍ ପଶ୍ଚାତ କହିଲେ ୧୦ଜଣଙ୍କୁ ଭିତରକୁ ଡ଼ାକ ଯଦ୍ୱାରା ୧୦ଜଣ ସାହାବି ଭିତରକୁ ଆସିଲେ ଏବଂ ପୂର୍ଣ୍ଣ ଚିତରେ ଖାଦ୍ୟ ସେବନ କରି ତୃପ୍ତ ହେଲେ । ସେମାନଙ୍କ ଅନ୍ତେ ଆଉ୧୦ଜଣଙ୍କୁ ଭିତରକୁ ଡ଼କାଗଲା, ସେମାନେ ମଧ୍ୟ ସନ୍ତୁଷ୍ଟ ହୋଇ ଚାଲିଗଲେ । ସେଥିଅନ୍ତେ ଆଉ୧୦ଜଣଙ୍କୁ ଭିତରକୁ ଡ଼କାଗଲା ସେମାନେ ମଧ୍ୟ ଖାଇଲେ ଏବଂ ପେଟ ଭରିଗଲା । ବସ୍ତୁତଃ ସମସ୍ତେ ଖାଦ୍ୟ ଖାଇ ତୃପ୍ତ ହୋଇ ଚାଲିଗଲେ ଏବଂ ସେମାନଙ୍କ ପାଖାପାଖି ୮୦ଜଣ ଥିଲେ । ( ସହି ବୁଖାରୀ ହଦିସ୍ ନଂ-୩୫୭୮)

ହଜରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମଦିନାରେ ସମସ୍ତ ଅନସାରୀମାନଙ୍କ ମଧ୍ୟରୁ ହଜରତ ଅବୁ ତଲହା ର.ଅଙ୍କ ପାଖରେ ଅଧିକ ଖଜୁରୀ ଉଦ୍ୟାନ ଥିଲା ଏବଂ ତାଙ୍କର ପ୍ରିୟ ଉଦ୍ୟାନ ବୈଅରେ ହା ଥିଲା । ଯାହାକି ମସଜିଦ୍‌ର ସମ୍ମୁଖରେ ଅବସ୍ଥିତ ଥିଲା ଏବଂ ନବୀ କରିମ୍ ସ.ଅ ସେହି ଉଦ୍ୟାନକୁ ଆସୁଥିଲେ ଏବଂ ସେଠାରୁ ସ୍ୱଚ୍ଛ ପରିସ୍କାର ଜଳ ପାନ କରୁଥିଲେ । ହଜରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଏହି ପଙ୍‌କ୍ତି ଅବତୀର୍ଣ୍ଣ ହେଲା- **ଲନ୍ ତନାଲୁଲ୍ ବିର୍‌ରା ହତ୍‌ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ** (ସୁରଃ ଆଲେ ଇମ୍ରାନ-୯୩) ତୁମେମାନେ ନିଜ ପ୍ରିୟ ବସ୍ତୁମାନଙ୍କ ମଧ୍ୟରୁ ବ୍ୟୟ ନକରିବ ସେପର୍ଯ୍ୟନ୍ତ ତୁମେମାନେ କଦାପି ସମ୍ପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ଏବଂ ତୁମେ ଯାହାକିଛି ବ୍ୟୟ କର ଅଲ୍ଲାଃ ତାହାକୁ ଭଲଭାବେ ଜାଣନ୍ତି । ହଜରତ ଅବୁ ତଲହା ର.ଅ ଛିଡ଼ା ହୋଇଗଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ମୋର ସମଗ୍ର ଧନ ସମ୍ପତି ମଧ୍ୟରୁ ମୋର ସର୍ବପ୍ରିୟ ସମ୍ପତି ହେଉଛି ବୈରେ ମାଉନା ଉଦ୍ୟାନ ଏବଂ ବର୍ତମାନ ମୁଁ ତାହାକୁ ଦାନ ସ୍ୱରୂପ ଅର୍ପଣ କରୁଅଛି । ମୁଁ ଆଶା କରୁଅଛି ଅଲ୍ଲାଃ ଏହା ସ୍ୱୀକାର କରି ଏହାର ପରିଣାମ ସ୍ୱରୂପ ମୋତେ ପୁଣ୍ୟ ପ୍ରଦାନ କରିବେ । ଏଣୁ ଅଲ୍ଲାଃ ଯେଉଁଠି ଆପଣଙ୍କୁ ନିର୍ଦ୍ଦେଶ ଦିଅନ୍ତି ସେଠାରେ ବ୍ୟୟ କରନ୍ତୁ । ହଜୁର ସ.ଅ କହିଲେ ଏହା ଅତ୍ୟନ୍ତ ଲାଭଦାୟକ ବ୍ୟବସାୟ ଏବଂ ଚିରସ୍ଥାୟୀ ଜମା ରାଶି । ହଜୁର ସ.ଅ କହିଲେ ତୁମେ କହିଛ ଏବଂ ମୁଁ ଶୁଣି ସାରିଛି । ମୁଁ ଏହା ଉଚିତ ମଣୁଅଛି ଯେ ତୁମେ ଉକ୍ତ ସମ୍ପତିକୁ ନିଜ ସମ୍ପର୍କୀୟଙ୍କ ମଧ୍ୟରେ ବାଣ୍ଟି ଦିଅ । ଅତଏବ ହଜରତ ଅବୁ ତଲହା ହଜୁର ସ.ଅଙ୍କ ଆଦେଶ ରକ୍ଷା କରି ସେହି ଉଦ୍ୟାନକୁ ନିଜ ସମ୍ପର୍କୀୟଙ୍କ ମଧ୍ୟରେ ବାଣ୍ଟି ଦେଲେ ।

(ସହି ବୁଖାରୀ ହଦିସ୍ ନଂ-୨୭୬୯)

ହଜରତ ଅବୁ ତଲହାଙ୍କୁ ଏହି ସମ୍ମାନ ଓ ସୌଭାଗ୍ୟ ପ୍ରାପ୍ତି ଥିଲା ଯେ ସେ ହଜୁର ସ.ଅଙ୍କର ଏକ ପୁତ୍ରୀର ବିୟୋଗରେ ହଜୁର ସ.ଅଙ୍କ କହିବାନୁଯାୟୀ ସେହି କବର ନିକଟକୁଗଲେ ଏବଂ ହଜୁର ସ.ଅଙ୍କ ସୁପୁତ୍ରଙ୍କର ପବିତ୍ର ମରଶରୀରକୁ କବର ମଧ୍ୟରେ ଓହ୍ଲାଇଥିଲେ । ( ସହି ବୁଖାରୀ ହଦିସ୍ ନଂ-୧୨୮୫)

ହଜରତ ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଅବୁ ଓମୈର ଗୋଟିଏ ଚଢେଇ ପାଳିଥିଲେ । ତାଙ୍କ ଭାଇ ନୁଗେରା କହିଲେ ଚଢେଇ ମରିଗଲା ଏଥିରେ ତାଙ୍କୁ ବେଶ୍ ଆଘାତ ଲାଗିଲା । ଏପରି ତାଙ୍କ ସହ ପରିହାସ କରୁଥିଲେ ଏବଂ ଅଧିକାଂଶ ସମୟରେ ଏପରି ଘଟୁଥିଲା କି ନମାଜ ସମୟରେ ହଜୁର ସ.ଅ ଆମ ଘରେ ଥିଲେ ଆମକୁ ଶେଜ ପାରିବାକୁ କହୁଥିଲେ ଯେଉଁଥିରେ ହଜୁର ବିରାଜିତ ହୋଉଥିଲେ ଏବଂ ଆମେ ତାହାକୁ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ସଫା କରି ନମାଜ ପାଠ ପାଇଁ ପ୍ରସ୍ତୁତ କରୁଥିଲୁ । ତଥା ହଜୁର ସ.ଅଙ୍କ ପଛରେ ଛିଡ଼ା ହୋଇ ନମାଜ ପାଠ କରୁଥିଲୁ । (ସନନ୍ ଇବନେ ମାଜା ହଦିସ୍ ନଂ- ୩୭୨୦)

ହଜରତ ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଅବଦୁଲ୍ଲାଃ ବିନ୍ ଅବୁ ତଲହା ର.ଅ ଜନ୍ମ ଗ୍ରହଣ କଲେ ସେତେବେଳେ ହଜରତ ଅନସ୍ ଯିଏ କି ତାଙ୍କ ମାଙ୍କ ଆଡୁ ଭାଇ ଥିଲେ ସେ କହନ୍ତି ମୁଁ ଅବୁ ତଲହା ର.ଅଙ୍କୁ ନେଇ ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲି । ହଜୁର ସ.ଅ ନିଜର ଜୁବା ପରିଧାନ କରିଥିଲେ ଏବଂ ନିଜର ଓଟକୁ ତାରକୋଲ ଲେପନ କରିଥିଲେ । ହଜୁର ସ.ଅ କହିଲେ କଣ ତୁମ ପାଖରେ ଖଜୁରୀ ଅଛି ? ମୁଁ ଉତର ଦେଲି ଆଜ୍ଞା ହିଁ ଅଛି । ଏଣୁ ମୁଁ କିଛି ଖଜୁରୀ ହଜୁର ସ.ଅଙ୍କ ସେବାରେ ଉପସ୍ଥାପିତ କଲି । ଯାହାକୁ ହଜୁର ମୁଖରେ ଚୋବାଇ ନରମ କଲେ ଏବଂ ନବଜାତ ଶିଶୁକୁ ଖୋଇଲେ ସେତେବେଳେ ସେହି ସନ୍ତାନଟି ଉକ୍ତ ଖଜୁରୀକୁ ଚୁଚୁମିବାକୁ ଲାଗିଲା । ଏହା ଦେଖି ହଜୁର କହିଲେ ଅନସାରଙ୍କ ଖଜୁରୀ କୋଳି ନବଜାତ ଶିଶୁକୁ ମଧ ପସନ୍ଦ ତାପରେ ହଜୁର ଉକ୍ତ ଶିଶୁର ନାମ ଅବଦୁଲ୍ଲାଃ ରଖିଲେ ।

(ସହି ମୁସଲିମ୍ ହଦିସ୍ ନଂ-୨୧୪୪)

ହଜରତ ମୁସଲେହ ମଉଦ ର.ଅ ବର୍ଣ୍ଣନା କରନ୍ତି ହଦିସ୍‌ରେ ଜଣେ ସାହାବିୟାଙ୍କ ସମ୍ପର୍କରେ ଏକ କାହାଣୀ ଉଲ୍ଲେଖିତ ଅଛି ଯେ ହଜୁର ସ.ଅ ତାଙ୍କର ସ୍ୱାମୀ ହଜରତ ଅବୁ ତଲହା ର.ଅଙ୍କୁ କୌଣସି ଏକ ଇସଲାମୀୟ ସେବା ସମ୍ପାଦନ କରିବା ନିମନ୍ତେ ପ୍ରେରଣ କଲେ । ସେତେବେଳେ ତାଙ୍କ ପୁତ୍ର ଅସୁସ୍ଥ ଥିଲା, ଯେତେବେଳେ ସେହି ସହାବି ନିଜର ଦାୟିତ୍ୱ ସମ୍ପାଦନ କରି ଘରକୁ ଫେରିଲେ ସେତେବେଳକୁ ତାଙ୍କ ପୁତ୍ରର ବିୟୋଗ ହୋଇସାରିଥିଲା ତେଣୁ ମହିଳା ଜଣକ ଶବକୁ ସ୍ନାନ କରାଇ ତାହାକୁ ସୁଗନ୍ଧ ବୋଳି ଦେଇଥିଲେ ଏବଂ ଅତ୍ୟନ୍ତ ଧୈର୍ଯ୍ୟର ସହ ସ୍ୱାମୀଙ୍କର ସ୍ୱାଗତ କଲେ । ତାଙ୍କ ସ୍ୱାମୀ ଆସିବା ମାତ୍ରେ ନିଜ ପିଲାର ଅବସ୍ଥା ବିଷୟରେ ପଚାରିଲେ ଯେ ପିଲା କେମିତି ଅଛି ? ପତ୍ନୀ ଉତର ଦେଲେ ସେ ବେଶ୍ ଆରାମରେ ଅଛି । ତାପରେ ସେ ଖାଦ୍ୟ ଖାଇଲେ ଏବଂ ନିଜ ପତ୍ନୀ ସହ ସହବାସ କଲେ । ସେଥିଅନ୍ତେ ପତ୍ନୀ ତାଙ୍କୁ କହିଲେ ମୁଁ ଆପଣଙ୍କୁ ଗୋଟିଏ ପ୍ରଶ୍ନ ପଚାରିବି । ସ୍ୱାମୀ ଉତର ଦେଲେ ହଁ ପଚାର, ପତ୍ନୀ କହିଲେ ଯଦି କୌଣସି ବ୍ୟକ୍ତି ଅନ୍ୟ ଲୋକ ନିକଟରେ ନିଜର ସନ୍ତକ ରଖିଦେଇଥାଏ ଏବଂ କିଛି କାଳ ପରେ ସେହି ବ୍ୟକ୍ତି ଜଣକ ନିଜର ଜିନିଷ ଫେରସ୍ତ ମାଗେ ତେବେ କଣ ଉକ୍ତ ବ୍ୟକ୍ତି ସେହି ଜିନିଷକୁ ଫେରାଇ ଦେବା ଉଚିତ୍ ନା ନାହିଁ ? ସ୍ୱାମୀ ଉତର ଦେଲେ ଏମିତି କିଏ ମୂର୍ଖ ଅଛି ଯେ ଉକ୍ତ ବ୍ୟକ୍ତିର ସନ୍ତକ ତାହାକୁ ଫେରସ୍ତ କରିବ ନାହିଁ । ପତ୍ନୀ ଉତର ଦେଲେ ଯଦି ଉକ୍ତ ଜିନିଷ ତାକୁ ଅତି ପ୍ରିୟ ହୋଇଥାଏ ଏବଂ ଫେରସ୍ତ କରିବାକୁ ଦୁଃଖ ଲାଗେ । ସ୍ୱାମୀ ଉତର ଦେଲେ ଅବଶୋଷ କେଉଁଥି ପାଇଁ, ତାହା ତ ତାର ନିଜସ୍ୱ ନଥିଲା । ବରଂ ତାହାକୁ ଅବଶ୍ୟ ଫେରସ୍ତ କରିବା ଉଚିତ୍ । ଏଥିରେ ପତ୍ନୀ ଜଣକ ଏମିତି କଥା ତେବେ ଶୁଣ ଆମର ପୁତ୍ର ଯେ ଅଲ୍ଲାଃଙ୍କର ନିକଟରୁ ଏକ ପୁରସ୍କାର ଥିଲା ତଥା ସନ୍ତକ ଥିଲା ତାହାକୁ ସେ ଆମ ଠାରୁ ଫେରାଇ ନେଇଛନ୍ତି । ତେବେ ଏଭଳି ସାହାସ ଥିଲା ସେତେବେଳର ମହିଳାମାନଙ୍କର । ଅତଃ ଜୀବନ ଦେବା କୌଣସି ବଡ଼ କଥା ନଥିଲା ବିଶେଷ କରି ଜଣେ ମୋମିନ୍ ନିକଟରେ, ବରଂ ତାହା ଏକ ସାଧାରଣ କଥା ଥିଲା । (ଅଭିଭାଷଣ ବାର୍ଷିକ ଧର୍ମ ସମ୍ମିଳନୀ ୧୯୪୮ ଅନୱାରୁଲ୍ ଓଲୁମ୍ ଭାଗ ୨୧ ପୃ-୫୩,୫୪)

ହଦିସ୍ ମୁଁ ପୂର୍ବରୁ ବର୍ଣ୍ଣନା କରିସାରିଛି କି ହଜୁର ସ.ଅଙ୍କ ଦୁଆ ବଳରେ ଅଲ୍ଲାଃତାଲା ତାଙ୍କୁ ଏତେ ମର୍ଯ୍ୟାଦା ପ୍ରଦାନ କଲେ ଯେ ଅନସାରମାନଙ୍କ ମଧ୍ୟରୁ ଜଣେ ବର୍ଣ୍ଣନା କରନ୍ତି- ମୁଁ ହଜରତ ଅବୁ ତଲହା ର.ଅଙ୍କର ୯ଜଣ ସନ୍ତାନମାନଙ୍କୁ ଦେଖିଛି ଏବଂ ସେମାନେ ସମସ୍ତେ କୁରଆନର କାରୀ ଥିଲେ । ( ସହି ବୁଖାରୀ ହଦିସ୍ ନଂ-୧୩୦୧)

ହଜରତ ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ହଜରତ ଅବୁ ତଲହା ର.ଅ, ହଜରତ ଅବୁ ଉବୈଦା ବିନ୍ ଜର୍ରାହ ତଥା ହଜରତ ଉବେ ବିନ୍ କାଆବ ର.ଅଙ୍କୁ ଖଜୁରୀର ମଦିରା ପାନ କରାଉଥିଲି । ସେହିକ୍ଷଣି ଜଣେ ଆଗମନକାରୀ ଆସି କହିଲା ଯେ ମଦିରା ଅବୈଧ କରି ଦିଆଯାଇଛି । ହଜରତ ଅବୁ ତଲହା ର.ଅ ସେହି ବ୍ୟକ୍ତିଠାରୁ ସୂଚନା ପାଇବା କ୍ଷଣେ କହିଲେ, ହେ ଅନସ୍ ସେହି ମାଠିଆଗଡ଼ିକୁ ଭାଙ୍ଗି ପକାଅ । ହଜରତ ଅନସ୍ ର.ଅ କହନ୍ତି ଯେ ମୁଁ ଏକ ପଥର ଟେଳା ଧରି ମାଠିଆର ନିମ୍ନ ଭାଗକୁ ପ୍ରହାର କଲି ।

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family,*
*Jamat Ahmadiyya, Kerang (Odisha)*

## ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family,*
*Jamat Ahmadiyya, Pankal (Odisha)*

## CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା'ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| Aconite - 200 | Arsenic Alb - 200 | Gelsemium - 200 |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | Aconite - 200 | Arsenic Alb - 200 | Gelsemium - 200 |
| (ii) | Chelidonium Maj - 1x | | |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୂପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଔଷଧ ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତତ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| Aconite - 200 | Arsenic Alb - 200 | Gelsemium - 200 |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

### ରୋଗ ହୋଇଥିଲେ

| | | | |
|---|---|---|---|
| (i) | Influenzinum-200 | Bacillinum-200 | Diphtherinum-200 |

ଗୋଟିଏ ସପ୍ତାହ ସକାଳେ ଓ ସଂନ୍ଧ୍ୟାରେ ତା'ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | Arnica-30 | Baptisea-30 | Arsenic Alb-30 |
| | Heper Sulph-30 | Nat. Sulph-30 | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | Chelidonium Maj - 1x |

ଦଶ ବୁନ୍ଦା ଢ଼ୋକେ ଦୁଇ ଢ଼ୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

(ସହି ବୁଖାରୀ ହଦିସ୍ ନଂ-୭୨୫୩)

ହଜୁର ଅନୱର ଅ.ବ କହିଲେ- ବର୍ତମାନ ମୁଁ ସଂକ୍ଷିପ୍ତ ଚର୍ଚ୍ଚାରେ ଜଣେ ସ୍ୱର୍ଗତଙ୍କ ସମ୍ପର୍କରେ ଆଲୋଚନା କରିବି ଏବଂ ତାଙ୍କର ନମାଜ ଯନାଜାଃ ମଧ୍ଯ ପଢେଇବି । ସେ ହେଲେ ସ୍ୱର୍ଗତ ବାବୁ ମୁହମ୍ମଦ ଲତିଫ୍ ସାହେବ ଅମୃତସରୀ ପିତା ହଜରତ ମିଆଁ ନୁର ମୁହମ୍ମଦ ସହେବ ଯେ ହଜରତ ମସିହ ମଉଦ ଅ.ସଙ୍କ ସାହାବି ଥିଲେ । ୨୦୦୨ମସିହ ଜାନୁୟାରୀ ମାସ ୨୬ତାରିଖ ଦିନ ୯୦ବର୍ଷ ବୟସରେ ରବୱାର ନୁର ହସ୍ପିଟାଲରେ ତାଙ୍କର ଦେହାନ୍ତ ଘଟିଥିଲା । **ଇନ୍ନା ଲିଲ୍ଲାହି ଓଇନନା ଇଲୈହି ରାଜେଉନ୍** । ସେ ସିଲସିଲାର ଜଣେ ସୁପରିଚିତ ପ୍ରଚାରକ ମାନ୍ୟବର ମୁହମ୍ମଦ ସିଦ୍ଦିକ୍ ଅମୃତସରୀ ସାହେବଙ୍କ ସାନ ଭାଇ ଥିଲେ । ବାବୁ ଲତିଫ ସାହେବ ପିତା ବାବୁ ସାହେବଙ୍କୁ ସାଙ୍ଗରେ ଧରି ଯୁବାସ୍ଥାରେ ପ୍ରଥମ ସୋପାନର ହଜରତ ମୁସଲେହ ମଉଦ ର.ଅଙ୍କ ସେବାରେ ଓ୍ୱକଫ୍ କରିଥିଲେ ଏବଂ ଦିର୍ଘ ୬୨ବର୍ଷ କାଳ ସେବା ସମ୍ପାଦନ କରିଥିଲେ । ସେଥିମଧ୍ଯରୁ ୫୩ବର୍ଷ ପର୍ଯ୍ୟନ୍ତ ବେସରକାରୀ କାର୍ଯ୍ୟାଳୟରେ ସେକ୍ରେଟାରୀ ଭାବରେ ବିଭିନ୍ନ ପଦବୀରେ ସେବା କରିବାର ସୌଭାଗ୍ୟ ଲାଭ କରିଥିଲେ । ପାକିସ୍ତାନ ଗଠନ ହେବା ପରେ ତାଙ୍କୁ କେନ୍ଦ୍ର କାଦିୟାନର ସୁରକ୍ଷା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ତାଙ୍କର ୫ଜଣ ପୁତ୍ରୀ ଓ ଜଣେ ପୁତ୍ରଙ୍କ ମଧ୍ଯରୁ କିଛି ଦିନ ପୂର୍ବରୁ ତାଙ୍କର ଜଣେ କନ୍ୟାଙ୍କର ବିୟୋଗ ଘଟିଯାଇଛି ।

ହଜୁର ଅନୱର ଅ.ବ କହିଲେ- ଯେତେବେଳେ ମୁଁ ରବୱାରେ ଥିଲି ସେତେବେଳେ ମୁଁ ତାଙ୍କୁ ଦେଖିଛି ସେ ବେଶ୍ ପରିଶ୍ରମର ସହ କାର୍ଯ୍ୟ କରୁଥିଲେ । କାର୍ଯ୍ୟ କରିବାରେ ଏଭଳି ମଗ୍ନ ରହୁଥିଲେ ଯେ (କାର୍ଯ୍ୟ) ସମୟ ସମାପ୍ତ ହୋଇଯାଇଥିଲେ ମଧ୍ଯ ଘରକୁ ଯିବା କଥା ପୁରା ଭୁଲି ଯାଉଥିଲେ । ତାଙ୍କର ପ୍ରକୃତ ଉଦ୍ଦେଶ୍ୟ ଥିଲା ଅକ୍ଲାନ୍ତ ପରିଶ୍ରମ ଦ୍ୱାରା ଜମାଅତର ସେବା କାର୍ଯ୍ୟ ସମ୍ପାଦନ କରିବା । ତାଙ୍କର ଏକ ସୁଗୁଣ ରହିଥିଲା ଯେ ସେ କେବେହେଲେ ଅନ୍ୟମାନଙ୍କ ସହିତ କୌଣସି ଘଟଣା ସମ୍ପର୍କରେ ଆଲୋଚନା କରାଯାଉ । ଯେଉଁ ପତ୍ର ବି ତାଙ୍କ ନିକଟକୁ ଆସୁଥିଲା ତାହାକୁ ସେ ସର୍ବଦା ଗୁପ୍ତ ରଖୁଥିଲେ ଏବଂ ତାହାର ଗୋପନତାକୁ କାହାରି ନିକଟରେ ପ୍ରକାଶ କରୁ ନଥିଲେ । ୧୯୩୪ମସିହାରେ ଯେତେବେଳେ ତୃତୀୟ ଖଲିଫା ଇସଲାମାବାଦ୍ ସଂସଦରେ ଉପସ୍ଥିତ ହେଲେ ସେତେବେଳେ ସେ ମଧ୍ଯ ବ୍ୟକ୍ତିଗତ ସହାୟକ ରୂପେ ଆପଣଙ୍କ ସାଥିରେ ଥିଲେ । କାର୍ଯ୍ୟାଳୟର ଦାୟିତ୍ୱ ବ୍ୟତୀତ ସେ ସର୍ବଦା ଅନ୍ୟମାନଙ୍କୁ ସାହାଯ୍ୟ କରୁଥିଲେ । କର୍ମଚାରୀମାନଙ୍କ ସହି ମିଶି ବାସନକୁସନ ମଧ୍ଯ ସଫା କରିଦେଉଥିଲେ । ବାସ୍ତବିକ ଜଣେ ନିଃସ୍ୱାର୍ଥପର ବ୍ୟକ୍ତି ଥିଲେ । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ଦୁଅନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ଯ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । ତାଙ୍କୁ ପୁଣ୍ୟକର୍ମଗୁଡ଼ିକୁ ତାଙ୍କ ସନ୍ତାନମାନଙ୍କ ମଧ୍ଯରେ ଉଜ୍ଜୀବିତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ର ଅବଶିଷ୍ଟାଂଶ ......*

ଆକ୍ରମଣ କରୁଥିବ ଆମେ ଏହାର ପ୍ରତିରକ୍ଷା ପାଇଁ ତାକୁ ହତ୍ୟା କରିପାରିବ । କିନ୍ତୁ ଏଥିରୁ ଜଣାପଡୁଛି ଯେ, ଏଭଳି ପରିସ୍ଥିତି କେବଳ କେତେ ଘଂଟା ଭିତରେ ହିଁ ସିମୀତ ରହିଥିଲା । କାରଣ ଏହାପରେ ତ ଚୁକ୍ତି ହୋଇସାରିଥିଲା କାରଣ ଦ୍ୱିତୀୟ ଦିନ ହିଁ ଇହୁଦୀମାନଙ୍କ ସହିତ ନୂଆ ଚୁକ୍ତିନାମା ସ୍ୱାକ୍ଷର କରାଯାଇ ଶାନ୍ତି ଓ ସୌହାର୍ଦ୍ଦ୍ୟ ସୃଷ୍ଟି ହୋଇଯାଇଥିଲା ।

ପୁଣି ମିର୍ଜା ବଶିର୍ ଅହେମଦ୍ ଲେଖୁଛନ୍ତି ଯେ, କାଆବ୍ ବିନ୍ ଅଶରଫ୍ଙ୍କୁ ହତ୍ୟା କରାଯିବାର ତାରିଖ ସମ୍ବନ୍ଧରେ କିଛିଟା ମତଭେଦ ରହିଛି । ଇବ୍ନେ ସାଆଦ୍ ଏହାକୁ ରବିଉଲ୍ ଅୱ୍ୱଲ୍ ତିନି ହିଜ୍ରୀରେ ଅନୁଷ୍ଠିତ ହେବାର ବର୍ଣ୍ଣନା କରିଛି । କିନ୍ତୁ ଇବ୍ନେ ହୁଶାମ୍ ଏହାକୁ ସରିୟା ଜଏଦ୍ ବିନ୍ ହାରସାଃଙ୍କ ପରେ ରଖିଛି ଏବଂ ତାହା ସଠିକ୍ରୂପେ ଯମାଦିଲ୍ ଆଖିରାରେ ଅନୁଷ୍ଠିତ ହୋଇଥିଲା । ସେ ପୁଣି ଲେଖୁଛନ୍ତି ଯେ, ମୁଁ ଏ ସ୍ଥାନରେ ଇବ୍ନେ ହୁସାମ୍ର କ୍ରମକୁ ଆଖି ଆଗରେ ରଖିଛି । *(ସିରତ୍ ଖାତ୍ମୁନ୍ ନବିଇନ୍ ହଜ୍ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ପୃ-୪୬୬ ରୁ ୪୬୭)* ।

ସେ ଯାହା ହେଉ ଏବେ ଆହୁରି କିଛି ଘଟଣାବଳିମାନ ରହିଛି ତାହା ଆସନ୍ତାକୁ ଇନ୍ଶାଅଲ୍ଲାଃ ଉପସ୍ଥାପନ କରାଯିବ ।

⌘⌘⌘⌘⌘⌘⌘⌘⌘⌘

## ଜମାତ୍ର ଲୋକମାନେ ବହୁମାତ୍ରାରେ ଏହି ଦୁଆଗୁଡିକୁ ପାଠ କରନ୍ତୁ ।

ବ୍ରିଟେନ୍ ଜଲ୍ସାସାଲାନାର ପ୍ରଥମଦିନ ତା-୦୩ ଅଗଷ୍ଟ ୨୦୧୮ ରିଖ ସୟଦ୍ନା ହଜୁର୍ ଅନୁୱର୍ ଅ:ବ:ଅ ନିଜ ଉଦ୍ଘାଟନୀ ଅଭିଭାଷଣରେ ଜମାତ୍ର ଲୋକମାନଙ୍କୁ ବହୁମାତ୍ରାରେ ଦରୁଦ୍ ଶରିଫ୍ ପଢ଼ିବା ଓ ନିମ୍ନଲିଖିତ ଦୁଆଗୁଡିକୁ ପାଠ କରିବା ନିମନ୍ତେ ତହ୍ରିକ୍ କରିଛନ୍ତି ।

(1) اَللّٰهُمَّ صَلِّ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ كَمَا صَلَّيْتَ عَلٰى اٰلِ إِبْرَاهِيْمَ وَعَلٰى اٰلِ إِبْرَاهِيْمَ إِنَّكَ حَمِيْدٌ مَّجِيْدٌ اَللّٰهُمَّ بَارِكْ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ كَمَا بَارَكْتَ عَلٰى إِبْرَاهِيْمَ وَعَلٰى اٰلِ إِبْرَاهِيْمَ إِنَّكَ حَمِيْدٌ مَّجِيْدٌ۔

ଅନୁବାଦ:- ହେ ଆମ ଅଲ୍ଲାଃ ! ତୁମେ ମୁହମ୍ମଦ୍ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଲ୍ (ବଂଶଜ)ଙ୍କ ଉପରେ ଦରୁଦ୍ ପ୍ରେରଣ କର, ଯେଉଁଭଳି ତୁମେ ଇବ୍ରାହିମ୍ ଆ:ସଙ୍କ ଉପରେ ଏବଂ ତାଙ୍କ ଆଲ୍ଙ୍କ ଉପରେ ଦରୁଦ୍ ପ୍ରେରଣ କରିଅଛ । ହେ ଆମ ଅଲ୍ଲାଃ ! ତୁମେ ମୁହମ୍ମଦ୍ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଲ୍ଙ୍କୁ ବର୍କତ୍ ପ୍ରଦାନ କର, ଯେଉଁଭଳି ତୁମେ ଇବ୍ରାହିମ୍ ଆ:ସଙ୍କ ଆଲ୍ଙ୍କୁ ବର୍କତ୍ ପ୍ରଦାନ କରିଥିଲ । ତୁମେ ହେଉଛ ବହୁତ ପ୍ରଶଂସିତ (ଓ) ଗୌରବମୟ ।

(2) رَبَّنَا لَا تُزِغْ قُلُوْبَنَا بَعْدَ إِذْ هَدَيْتَنَا وَهَبْ لَنَا مِنْ لَّدُنْكَ رَحْمَةً ۚ إِنَّكَ أَنْتَ الْوَهَّابُ (آل عمران:9)

ଅନୁବାଦ:- ହେ ଆମର ପାଳନକର୍ତା ! ତୁମେ ଆମମାନଙ୍କୁ ସତ୍ପଥଗାମୀ କରାଇବା ପରେ ଆମମାନଙ୍କ ହୃଦୟକୁ କୁଟୀଳ କରନାହିଁ ଏବଂ ତୁମ ନିକଟରୁ ଆମମାନଙ୍କୁ କରୁଣା ପ୍ରଦାନ କର । ବାସ୍ତବରେ ତୁମେ ହିଁ ମହାନ୍ ଦାତା । (ଆଲେ ଇମ୍ରାନ୍:୯)

(3) رَبَّنَا اغْفِرْ لَنَا ذُنُوْبَنَا وَإِسْرَافَنَا فِيْٓ أَمْرِنَا وَثَبِّتْ أَقْدَامَنَا وَانْصُرْنَا عَلَى الْقَوْمِ الْكٰفِرِيْنَ (آل عمران:148)

ଅନୁବାଦ:- ହେ ଆମର ପାଳନକର୍ତା ! ଆମମାନଙ୍କର ତୃଟିଗୁଡିକୁ ଆମମାନଙ୍କର କର୍ତବ୍ୟରେ ସୀମା ଲଙ୍ଘନକୁ ମାର୍ଜନା କର ଏବଂ ଆମମାନଙ୍କର ପାଦକୁ ସୁଦୃଢ଼ କର ଏବଂ ଅବିଶ୍ୱାସକାରୀମାନଙ୍କ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର । (ଆଲେ ଇମ୍ରାନ୍:୧୪୮)

(4) رَبَّنَا ظَلَمْنَآ أَنْفُسَنَا ۫ وَإِنْ لَّمْ تَغْفِرْ لَنَا وَتَرْحَمْنَا لَنَكُوْنَنَّ مِنَ الْخٰسِرِيْنَ (الاعراف:24)

ଅନୁବାଦ:- ହେ ଆମର ପାଳନକର୍ତା ! ଆମେ ନିଜେ ନିଜ ଉପରେ ଅତ୍ୟାଚାର କରିଅଛୁ ଏବଂ ଯଦି ତୁମେ ଆମମାନଙ୍କୁ କ୍ଷମା ନକରିବ ଓ ଆମମାନଙ୍କ ପ୍ରତି କରୁଣା ନକରିବ ତେବେ ଆମେମାନେ କ୍ଷତିଗ୍ରସ୍ତମାନଙ୍କ ମଧ୍ଯରେ ଅନ୍ତର୍ଭୁକ୍ତ ହେବୁ । (ଅଲ୍ ଆରାଫ୍:୨୪)

(5) رَبَّنَآ اٰتِنَا فِي الدُّنْيَا حَسَنَةً وَّفِي الْاٰخِرَةِ حَسَنَةً وَّقِنَا عَذَابَ النَّارِ (البقرہ:202)

ଅନୁବାଦ:- ହେ ଆମର ପାଳନକର୍ତା ! ତୁମ୍ଭେ ଆମମାନଙ୍କୁ (ଏହି) ପୃଥିବୀର ସଫଳତା ପ୍ରଦାନ କର ଓ ପରକାଳରେ (ମଧ୍ଯ) ସଫଳତା ପ୍ରଦାନ କର ଏବଂ ଆମମାନଙ୍କୁ ନରକାଗ୍ନି ଶାସ୍ତିରୁ ରକ୍ଷାକର । (ଅଲ୍ ବକ୍ରାଃ:୨୦୨)

(6) اَللّٰهُمَّ إِنَّا نَجْعَلُكَ فِيْ نُحُوْرِهِمْ وَنَعُوْذُبِكَ مِنْ شُرُوْرِهِمْ

ଅନୁବାଦ:- ହେ ଆମର ପାଳନକର୍ତା ! ଆମେ ତୁମକୁ ସେମାନଙ୍କ ହୃଦୟରେ ରଖୁଅଛୁ । (ଅର୍ଥାତ୍ ତୁମର ରୋବ ଏବଂ ଭୟ ସେମାନଙ୍କ ହୃଦୟ ଭିତରେ ଭରିଯାଉ) ଏବଂ ସେମାନଙ୍କ ଦୁଷ୍ଟାମିରୁ ତୁମ ଶରଣ ଭିକ୍ଷା କରୁଅଛୁ । (ଅବୁଦାଉଦ୍, କିତାବ୍ ଫଜାଏଲୁଲ୍ କୁର୍ଆନ୍)

(7) رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِيْ وَانْصُرْنِيْ وَارْحَمْنِيْ

ଅନୁବାଦ:- ହେ ମୋର ପାଳନକର୍ତା ! ପ୍ରତ୍ୟେକ ବସ୍ତୁ ହେଉଛି ତୁମର ସେବକ । ପୁଣି ହେ ମୋର ପାଳନକର୍ତା ! ଦୁଷ୍ଟମାନଙ୍କ ଦୁଷ୍ଟାମୀରୁ ମୋତେ ସୁରକ୍ଷା ପ୍ରଦାନ କର ଓ ମୋତେ ସାହାଯ୍ୟ କର ଓ ମୋ ଉପରେ କରୁଣା କର । (ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କ ଏଲ୍ହାମି ଦୁଆ)

# : ଖୁତ୍‌ବା ଜୁମା :

**ଇସଲାମରେ ନିଜ ସୃଷ୍ଟିକର୍ତା ସହ ଅନ୍ୟକୁ ସମତୁଳ କରିବା ଓ ମାତାପିତାଙ୍କ କର୍ତବ୍ୟ ସମ୍ପାଦନ କରିବାରୁ ବୁମୁଖତା ଅବଲମ୍ବନ କରିବା ପରେ ତୃତୀୟରେ ମିଥ୍ୟା ବଚନକୁ ସବୁଠାରୁ ବଡ଼ ପାପରେ ଅନ୍ତର୍ଭୁକ୍ତ କରଯାଇଛି ..**

**ବିଶ୍ୱାସ ଓ କାପୁରୁଷତା ଗୋଟିଏ ସ୍ଥାନରେ ଜମା ହୋଇପାରେ କିନ୍ତୁ ବିଶ୍ୱାସ ଓ ମିଥ୍ୟା ବଚନ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇପାରନ୍ତି ନାହିଁ । ଯେଉଁ ବ୍ୟକ୍ତି ବିଶ୍ୱାସଘାତକତା କରେ ସେ ଅନ୍ତିମ ଦିବସରେ ପ୍ରଭୁଙ୍କ ପ୍ରଚଣ୍ଡ ଦଣ୍ଡର ଅଧିକାରୀ ହେବ ।**

**ନିଷ୍ଠାପର ଓ ବିଶ୍ୱସ୍ତତାର ପ୍ରତିବିମ୍ବ ମହାନ ବଦରୀ ସାହାବା ହଜରତ ମୁହମ୍ମଦ ବିନ୍ ମୁସେଲ୍ଲମା ର.ଅଙ୍କ ପବିତ୍ର ଜୀବନର ମନମୁଗ୍ଧକର ଚର୍ଚ୍ଚା ।**

**ମଦିନାର ପ୍ରଶାସନ ସହ ବିଶ୍ୱାସଘାତ, ମୁସଲମାନମାନଙ୍କ ସହ ଚୁକ୍ତିଭଙ୍ଗ, ଯୁଦ୍ଧ କରିବା ପାଇଁ (ଅଣମୁସଲମାନମାନଙ୍କୁ) ଉତ୍ସାହିତ କରିବା, ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି କରିବା, ଅସଭ୍ୟ ଓ ଗାଳିଗୁଲଜ ତଥା ହତ୍ୟା ପରି ସଙ୍ଗିନ ଅପରାଧରେ ପ୍ରବର୍ତିତ ଦୁର୍ବୃତ ତଥା ଅତ୍ୟନ୍ତ ଖଳ ସ୍ୱଭାବର ୟହୁଦିମାନଙ୍କ ଅଧିପତି କାଆବ୍ ବିନ୍ ଅଶ୍ରଫ୍‌ର ହତ୍ୟା ଓ ତାହାର କାରଣର ବିସ୍ତାରିତ ବ୍ୟାଖ୍ୟା ।**

**କାଆବ୍‌ର ହତ୍ୟାରେ ଉଠାଯାଇଥିବା ଅଭିଯୋଗର ଅକାଟ୍ୟ ପ୍ରମାଣ ଭିତିକ ଉତର ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୦୭ ଫେବୃୟାରୀ ୨୦୨୦ ଅନୁଯାୟୀ ୦୭ ତବ୍‌ଲିଗ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ପବିତ୍ର ହଦିସ ଶବ୍ଦ **ଅଲ୍‌ହର୍‌ବୁ ଖୁଦଅତୁନ୍**ର ଅତ୍ୟନ୍ତ ସୁକ୍ଷ୍ମ (ଗୂଢ଼) ବ୍ୟାଖ୍ୟା।

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ କହିଲେ– ଆଜି ଯେଉଁ ସାହାବିଙ୍କର ଚର୍ଚ୍ଚା କରିବି ସେ ହେଲେ ହଜରତ ମୁହମ୍ମଦ ବିନ୍ ମୁସଲ୍ଲେମା ର.ଅ । ତାଙ୍କର ସମ୍ପର୍କ ଅନସାରର ଔଷ ସମ୍ପ୍ରଦାୟ ସହିତ ଥିଲା ଏବଂ ସେ ଉକ୍ତ ସମ୍ପଦ୍ରାୟର ଅଧିପତି ଥିଲେ । ତାଙ୍କ ଗୋତ୍ର ଅବଦୁଲ୍ଲାଃ ଅବା ଅବୁ ଅବଦୁର ରହେମାନ ଓ ଅବୁ ସଇଦ୍ ଥିବାର ବର୍ଣ୍ଣନା ମିଳୁଅଛି । ଏକ ବର୍ଣ୍ଣନାନୁଯାୟୀ ସେ ହଜୁର ସ.ଅଙ୍କ ଆବିର୍ଭାବ ହେବାର ୨୨ବର୍ଷ ପୂର୍ବରୁ ଜନ୍ମ ଗ୍ରହଣ କରିଥିଲେ । ଏବଂ ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ଯାହାଙ୍କ ନାମ ସେହି ଅନ୍ଧକାର ଯୁଗରେ ମୁହମ୍ମଦ ଥିଲା ।

(ତବକାତୁଲ୍ କୁବରା ଭାଗ ୩ ପୃ–୩୩୮)

ସିରତୁନ୍ ନବୀଇନ୍‌ରେ ଯେଉଁ ବ୍ୟକ୍ତିମାନଙ୍କ ନାମ ସେହି ଯୁଗରେ ଭାଗ୍ୟବଶତଃ ମୁହମ୍ମଦ ଥିଲା ସେମାନଙ୍କ ସଂଖ୍ୟା ୩ରୁ ୧୫ଜଣ ଥିବାର ବର୍ଣ୍ଣନା କରାଯାଉଅଛି । ଅଲାମା ଇବନେ ସିରିନ୍ ତାହା ୬ ଥିବାର ଦର୍ଶାଇଛନ୍ତି ଯେତେବେଳେ କି ଅବଦୁଲ ଓହାବ ଶିରାନି ତାହା ୧୪ଥିବାର ଉଲ୍ଲେଖ କରିଛନ୍ତି । ସେଥିମଧ୍ୟରୁ କିଛି ନାମ ଦରଜ କରିଦେଉଛି ମୁହମ୍ମଦ ବିନ୍ ସୁଫୟାନ୍, ମୁହମ୍ମଦ ବିନ୍ ଉହୁଇହା, ମୁହମ୍ମଦ ବିନ୍ ଖଜାଇ, ମୁହମ୍ମଦ ବିନ୍ ଅଦି, ମୁହମ୍ମଦ ବିନ୍ ଉସାମା, ମୁହମ୍ମଦ ବିନ୍ ବରା, ମୁହମ୍ମଦ ବିନ୍ ହାରିସ୍, ମୁହମ୍ମଦ ବିନ୍ ହିରମାଜ୍, ମୁହମ୍ମଦ ବିନ୍ ଜୈଦ୍, ମୁହମ୍ମଦ ବିନ୍ ଉସୈଦ୍, ମୁହମ୍ମଦ ବିନ୍ ମିସେଲ୍ଲମା ଇତ୍ୟାଦି ।

(ଅସଦୁଲ୍ ଗାବା ଭାଗ ୫ ପୃ–୭୨)

ହଜରତ ମୁହମ୍ମଦ ବିନ୍ ମିସେଲ୍ଲମା ପ୍ରାରମ୍ଭିକ ଇସଲାମ ଧର୍ମରେ ଦୀକ୍ଷିତ ହୋଇଥିବା ମୁସଲମାନମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ସେ ହଜରତ ସାଅଦ୍ ବିନ୍ ମୁଆଜ୍‌ଙ୍କ ପୂର୍ବରୁ, ହଜରତ ମୁସଏବ୍ ବିନ୍ ଉମୈରଙ୍କ ହସ୍ତରେ ବୈଅତ୍ କରିଥିଲେ । ଯେତେବେଳେ ହଜରତ ଉବୈଦା ବିନ୍ ଅଲ୍ ଜର୍ରାହ ପ୍ରବାସ କରି ମଦିନାକୁ ଆସିଲେ ସେତେବେଳେ ହଜୁର ସ.ଅ ହଜରତ ଉବୈଦାଙ୍କ ସହିତ ହଜରତ ମୁହମ୍ମଦ ବିନ୍ ମୁସଲ୍ଲେମା ର.ଅଙ୍କର ମୈତିକ ସମ୍ପର୍କ ସ୍ଥାପନ କରିଥିଲେ । ସେ ସେହି ସାହାବିମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯେ, କାଅବ୍ ବିନ୍ ଅଶ୍ରଫ୍ ଓ ଅବୁ ରାଫେ ସଲାମ୍ ବିନ୍ ଅବୁ ହକିକଙ୍କୁ ବଦ୍ଧ କରିଥିଲେ । ସେ ଦୁହେଁ ଉପଦ୍ରବକାରୀ ବ୍ୟକ୍ତି ଥିଲେ, ଯେଉଁମାନେ ମୁସଲମାନମାନଙ୍କୁ କ୍ଷତି ପହଂଚାଇବା ପାଇଁ ପ୍ରସ୍ତୁତ ଥିଲେ ଏବଂ ସେମାନେ ସର୍ବଦା ଏହି କାର୍ଯ୍ୟ ସକାଶେ ପ୍ରୟାସରତ ରହୁଥିଲେ । ବରଂ ସେମାନେ ମୁସଲମାନମାନଙ୍କ ଉପରକୁ ଆକ୍ରମଣ କରିବା ପାଇଁ ପ୍ରୟାସ କରୁଥିଲେ, ଏମାନେ ହଜୁର ସ.ଅଙ୍କ ଉପରେ ମଧ୍ୟ ଆକ୍ରମଣ କରିବାକୁ ଚେଷ୍ଟା କରୁଥିଲେ । ହଜୁର ସ.ଅ ହଜରତ ମୁହମ୍ମଦ ବିନ୍ ମୁସଲ୍ଲେମା ର.ଅଙ୍କୁ କାବ୍ ବିନ୍ ଅଶ୍ରଫ୍ ଓ ଅବୁ ରାଫେ ସଲାମ୍ ବିନ୍ ଅବୁ ହକିକଙ୍କୁ ବଦ୍ଧ କରିବା ନିମନ୍ତେ ନିୟୋଜିତ କରିଥିଲେ । ହଜୁର ସ.ଅଙ୍କ ଯୁଦ୍ଧ ଅବସରରେ ମୁହମ୍ମଦ ବିନ୍ ମୁସଲ୍ଲେମା ର.ଅଙ୍କୁ ମଦିନାର ନୀରିକ୍ଷକ ରୂପେ ନିଯୁକ୍ତ କରିଥିଲେ । ହଜରତ ମୁହମ୍ମଦ ବିନ୍ ମୁସଲ୍ଲମା ର.ଅଙ୍କର ପୁତ୍ର ଜାଫର, ଅବଦୁଲ୍ଲାଃ, ସାଅଦ୍, ଅବଦୁର ରହେମାନ ଓ ଉମର ର.ଅ ଥିଲେ ଯେଉଁମାନେ କି ହଜୁର ସ.ଅଙ୍କ ସାହାବାଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ହଜରତ ମୁହମ୍ମଦ ବିନ୍ ମୁସଲ୍ଲେମା ର.ଅ ତବୁକ୍ ଯୁଦ୍ଧ ବ୍ୟତୀତ ଅନ୍ୟ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ଶାମିଲ ଥିଲେ । କାରଣ ତବୁକ୍ ଯୁଦ୍ଧ ସମୟରେ ହଜୁର ସ.ଅଙ୍କ ଅନୁମତିକ୍ରମେ ସେ ମଦିନାରେ ରହିବା ଯୋଗୁଁ ଉକ୍ତ ଯୁଦ୍ଧରେ ଅନ୍ତର୍ଭୁକ୍ତ ହୋଇପାରି ନଥିଲେ ।

(ଅସାବାଃ ଫି ତମିଜୁଲ୍ ସାହାବା ଭାଗ ୬ ପୃ–୨୮, ୨୯)

ଉପରେ ଯେପରିକି ଚର୍ଚ୍ଚା ହେଲା କି ଦୁଇ ଜଣ ଉପଦ୍ରବକାରୀ ଓ ଇସଲାମ ଧର୍ମର ବିରୋଧୀଙ୍କୁ ନିପାତ କରିବାରେ ହଜରତ ମୁହମ୍ମଦ ବିନ୍ ମୁସଲ୍ଲେମା ର.ଅ ଶାମିଲ ଥିଲେ । ଏହାର କେତେକ ବିବରଣୀ ହଜରତ ଉବାଦା ବିନ୍ ବଶରଙ୍କ ମଧ୍ୟରୁ ମୁଁ ବର୍ଣ୍ଣନା କରି ଆସିଛି । ଅତଃ ମୁଁ ତାଙ୍କ ସମ୍ପର୍କରେ ଅନ୍ୟ କେତେକ କଥା ବା ଘଟଣା ବର୍ଣ୍ଣନା କରୁଛି । ସିରତ୍ ଖାତମୁନ୍ ନବୀଇନ୍‌ରେ ହଜରତ ମିର୍ଜା ବଶିର ଅମହଦ ସାହେବ କାବ୍ ବିନ୍ ମାଲିକଙ୍କୁ ନିହତ କରିବା ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ଯେ ବଦର ଯୁଦ୍ଧରେ ଅମାନ୍ୟକାରୀଙ୍କ ଶୋଚନୀୟ ପରାଜୟ ମଦିନାର ୟହୁଦିମାନଙ୍କ ମନରେ ଥିବା ଶତ୍ରୁତାକୁ ପରିପ୍ରକାଶ କରିଥିଲା ଏବଂ ସେମାନେ ଶତ୍ରୁତାରେ ସୀମା ଲଙ୍ଘନ କରିଥିଲେ । ଯାହାର ଫଳସ୍ୱରୂପ କାଅବ ବିନ୍ ଅଶ୍ରଫର ବଧ ହେବା ଘଟଣା ତାହାରି ଏକ ଅଂଶ ବିଶେଷ । ଦେଖିବାକୁଗଲେ କାଅବ୍ ଜଣେ ୟହୁଦି ଧର୍ମାଲମ୍ବୀ ବ୍ୟକ୍ତି ଥିଲା କିନ୍ତୁ ବାସ୍ତବରେ ସେ ୟହୁଦୀ ବଂଶଜ ନଥିଲା । ବରଂ ଆରବୀୟ ବଂଶଜ ଥିଲା । ତା ବାପା ଜଣେ ଚତୁର ଏବଂ ଚଳନ୍ତା ଯନ୍ତ୍ର ଥିଲା । ସେ ମଦିନା ଆସି ବନୁ ନୁଜୈର ସହିତ ସମ୍ପର୍କ ସ୍ଥାପନ କରି ସେମାନଙ୍କରେ ସହାୟକ ବନ୍ଧୁ ରୂପେ ପରିଗଣିତ ହୋଇଥିଲା । ପରିଶେଷରେ ସେ ଏତେ ଯଶଃ ଓ

କ୍ଷମତାଧାରୀ ହୋଇଗଲା ଯାହାଫଳରେ ବନୁ ନୁଜୈରର ସର୍ବୋଚ୍ଚ ଅଧିପତି ଅବୁ ରାଫେ ବିନ୍ ଉବୈ ଅଲ୍ ହକିକ୍ ନିଜର କନ୍ୟା ସହିତ ତାର ନିକ୍ହ କରାଇ ଥିଲା ଏବଂ ସେହି କନ୍ୟାର ଔରଷରୁ କାଆବ୍ ଜନ୍ମ ଗ୍ରହଣ କରିଥିଲେ । ଯେ ବଡ଼ ହୋଇ ନିଜ ପିତା ଅଧିକ ମର୍ଯ୍ୟାଦାଶଳୀ ହୋଇଥିଲା । ଏପରିକି ତାକୁ ଏଭଳି ଯଶଃ ପ୍ରାପ୍ତ ହେଲା ଯଦ୍ୱାରା ସେ ସମଗ୍ର ଆରବର ୟହୁଦିମାନେ ତାକୁ ନିଜର ଅଧିପତି ସ୍ୱୀକାର କରିନେଇଥିଲେ । ଚାରିତ୍ରିକ ଦୃଷ୍ଟି କୌଣରୁ ସେ ଅତ୍ୟନ୍ତ ଚତୁର, ଦୁରାଚାରୀ ଓ ଅସଭ୍ୟ ବ୍ୟକ୍ତି ଥିଲା । ଷଡ଼ଯନ୍ତ୍ର ଓ ମନ୍ଦ ଯୋଜନାରେ ଧୁରନ୍ଧର ଥିଲା । ସେ ଯାହା ହେଉ ନା କାହିଁକି ଯେତେବେଳେ ହଜୁର ସ.ଅ ମଦିନାକୁ ଆସିଲେ ସେତେବେଳେ କାଆବ ବିନ୍ ଅଶ୍ରଫ ଅନ୍ୟ ୟହୁଦିମାନଙ୍କ ସହିତ ମିଶି ସେହି ଚୁକ୍ତିରେ ସାମିଲ ହୋଇଗଲା ଯାହା ହଜୁର ସ.ଅ ଓ ୟହୁଦିମାନଙ୍କ ମଧ୍ୟରେ ପାରସ୍ପାରିକ ସଦଭାବନା, ସୌହାର୍ଦ୍ଦ୍ୟ ଓ ଶାନ୍ତି ପ୍ରତିଷ୍ଠା ପାଇଁ ଉଲ୍ଲେଖିତ ଥିଲା । କିନ୍ତୁ ଭିତରେ ଭିତରେ କାଆବ୍‌ର ହୃଦୟରେ ବୈରାଗ୍ୟ ଓ ଶତ୍ରୁତାର ବହ୍ନୀ ପ୍ରଜ୍ୱଳିତ ହେବାକୁ ଲାଗିଥିଲା ଏବଂ ସେ ଗୁପ୍ତ ଯୋଜନା ଓ ଷଡ଼ଯନ୍ତ୍ର ଦ୍ୱାରା ଇସକାମ ଓ ହଜୁର ସ.ଅଙ୍କ ବିରୁଦ୍ଧରେ ବିରୋଧ ପ୍ରଦର୍ଶନ କରିବା ଆରମ୍ଭ କରିଦେଲା । ପରିଶେଷରେ ବଦର ଯୁଦ୍ଧ ପରେ ସେ ଏଭଳି ଆଚରଣ ପ୍ରଦର୍ଶନ କଲା ଯାହାକି ଅତ୍ୟନ୍ତ ଉପଦ୍ରବୀୟ ଓ ଦୂର୍ତାତାମୁଳକ ଥିଲା, ଫଳସ୍ୱରୂପ ତାହା ମୁସଲମାନମାନଙ୍କ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଥିଲା ।

ବଦର ଯୁଦ୍ଧ ଅବସରରେ ଯେତେବେଳେ ମୁସଲମାନମାନଙ୍କୁ ଅସାଧାରଣ ରୂପେ ବିଜୟ ପ୍ରାପ୍ତି ହେଲା ଏବଂ କୁରୈଶମାନଙ୍କର ଅଧିପତିମାନେ ଅଧିକ ସଂଖ୍ୟାରେ ନିହତ ହେଲେ ସେତେବେଳେ ସେ ଏହା ହୃଦୟଙ୍ଗମ କଲା ଯେ, ବର୍ତମାନ ଏହି ନୂତନ ଧମଟି ସହଜ ରୂପେ ନିଶ୍ଚିହ୍ନ ହେବାପରି ମନେପଡୁ ନାହିଁ । ତେଣୁ ବଦର ଯୁଦ୍ଧ ପରେ ସେ ନିଜର ସମସ୍ତ ସାମର୍ଥ୍ୟ ତଥା ପ୍ରଚେଷ୍ଟାକୁ ଇସଲାମ ଧର୍ମକୁ ଧ୍ୱଂସ କରିବା ପାଇଁ ମନସ୍ଥ କଲା । ଯେତେବେଳେ କାଅବକୁ ବିଶ୍ୱାସ ହେଲା ଯେ ବାସ୍ତବରେ ବଦରର ବିଜୟ ଇସଲାମକୁ ଦୃଢତା ଆଣି ଦେଇଛି, ଯାହାର ସେ କଳନା ମଧ କରି ନଥିଲା । ତେବେ ସେ କ୍ରୋଧିତ ଓ ଉତେଜିତ ହୋଇ ଯଥାଶୀଘ୍ର ଯାତ୍ରାର ପ୍ରସ୍ତୁତି କରି ମକ୍କା ଅଭିମୂଖେ ଅଗ୍ରସର ହେଲା । ସେଠାକୁ ଯାଇ ନିଜର ଚାଟୁକାରିତା ଓ କବିତା ବଳରେ କୁରୈଶମାନଙ୍କ ମନରେ ଅଗ୍ନି ପ୍ରଜ୍ୱଳିତ କରିଦେଲା । ସେମାନଙ୍କ ମନରୁ ମୁସଲମାନମାନଙ୍କ ରକ୍ତ ପିପାସୁ ଭାବନାକୁ ପାସୋରିଯିବାକୁ ଦେଲା ନାହିଁ । ସେମାନଙ୍କ ଛାତି ପ୍ରତିଶୋଧ ପରାୟଣ ହୋଇ ଉଠିଲା ଓ ଶତ୍ରୁତାରେ ପରିପୂର୍ଣ୍ଣ କରିଦେଲା । କାଆବର ଏହି ମନରେ ଅଗ୍ନି ଭରିଦେବା ଭଙ୍ଗି ଦ୍ୱାରା ସେମାନଙ୍କ ହୃଦୟରେ ବିଜୁଳି ସୃଷ୍ଟି କରିଦେଲା ସେତେବେଳେ ସେ ସେମାନଙ୍କୁ ଖାନା କାବାର ପ୍ରାଙ୍ଗଣକୁ ନେଇଯାଇ କାବାର ପରଦା ଧରାଇ ସେମାନଙ୍କ ଠାରୁ ଶପଥ ନେଲା ଯେ ଯେପର୍ଯ୍ୟନ୍ତ ଇସଲାମ ଓ ଇସଲାମର ସଂସ୍ଥାପକକୁ ଭୂପୃଷ୍ଠରୁ ନିଶ୍ଚିହ୍ନ ନକରିଦେଇଛି ସେପର୍ଯ୍ୟନ୍ତ ସେ ଶାନ୍ତିରେ ବସିବ ନାହିଁ ।

ଏହାପରେ ସେ ହତଭାଗା ଅନ୍ୟ ସମ୍ପ୍ରଦାୟ ମୁହାଁ ହେଲା ଏବଂ ଭିନ୍ନ ଭିନ୍ନ ଗୋଷ୍ଠୀ ନିକଟକୁ ଯାଇ ମୁସଲମାନମାନଙ୍କ ବିରୁଦ୍ଧରେ ଉସକାଇଲା ଏବଂ ମଦିନାରୁ ଫେରି ସେ ମୁସଲମାନଙ୍କ ନାରୀମାନଙ୍କ ସମ୍ବନ୍ଧରେ ପ୍ରେମାତ୍ମକ କବିତା କହିଲା । ଅର୍ଥାତ ଅତ୍ୟନ୍ତ ଅଶ୍ଳିଳ କବିତା ଅସଭ୍ୟ ଭଙ୍ଗିରେ ମୁସଲମାନ ମହଳାଙ୍କ ଆଲୋଚନା କଲା । ଏପରିକି ନବୀ କରିମ ସ.ଅଙ୍କ ବଂଶର ମହିଳାମାନଙ୍କୁ ମଧ ତାହାର ଦୂରାଚାରୀମୂଳକ କବିତାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେଥିରୁ ସେ ତିଳେ ହେଲେ ପଛଘୁଂଚା ଦେଇ ନଥିଲା ଏବଂ ଦେଶବ୍ୟାପୀ ଅପପ୍ରଚାର ମୂଳକ ଆଲୋଚନା ଓ ପ୍ରୟାସ ଚଳାଇଥିଲା ଏବଂ ସେ ହଜୁର ସ.ଅଙ୍କର ହତ୍ୟା ପାଇଁ ମଧ ଷଡ଼ଯନ୍ତ୍ରରେ ମଧ ସାମିଲ ଥିଲା । କିନ୍ତୁ ଅଲ୍ଲାଃଙ୍କ କୃପାରୁ ଯଥା ସମୟ ଉକ୍ତ କୁଯୋଜନା ସମ୍ପର୍କରେ ହଜୁର ସ.ଅ ସୂଚନା ପାଇଥିଲେ ଏବଂ ତାହାର ଏହି ଷଷଡ଼ଯନ୍ତ୍ର ସଫଳ ରୂପେ ରୂପାୟିତ ହୋଇପାରି ନଥିଲା ।

ଯେତେବେଳେ କାବ ବିନ୍ ଅଶରଫ୍ ଚୁକ୍ତି ଭଙ୍ଗ, ବିଦ୍ରୋହ, ଯୁଦ୍ଧ ପାଇଁ ଉପକାଇବା ଉପଦ୍ରବ ସୃଷ୍ଟିକାରୀ ହଜୁର ସ.ଅଙ୍କ ବଂଶୀୟ ମହିଳାମାନଙ୍କ ପ୍ରତି ଅଶ୍ଳୀଳ କବିତା ପ୍ରୟୋଗ ଓ ହତ୍ୟାର ଷଷଡ଼ଯନ୍ତ୍ର ପରି ସଙ୍ଗୀନ ଅଭିଯୋଗରେ ସେ ଦୋଷୀ ବୋଲି ପ୍ରମାଣିତ ବା ସାବ୍ୟସ୍ତ ହେଲା ସେତେବେଳେ ହଜୁର ସ.ଅ ଏହି ଫଳାଫଳରେ ଉପନୀତ ହୋଇ ଏହି ନିଷ୍ପତି ଗ୍ରହଣ କଲେ ଯେ, କାବ୍ ବିନ୍ ଅଶ୍ରଫ୍ ନିଜର ସମସ୍ତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ନିହତ ହେବା ପାତ୍ର ଥିଲେ । କାରଣ ତାଙ୍କର ଉପଦ୍ରବ ମଦିନାର ପରିବେଶ ଅଶାନ୍ତ ଓ କଳୁଷିତ ହୋଇଯାଇଥିଲା । ଏଥିଯୋଗୁଁ ଯଦି ତାଙ୍କୁ ବଧ କରାଯାଇଥାନ୍ତା ତେବେ ମଦିନାରେ ଏକ ଭୟାବହ ଗୃହ ଯୁଦ୍ଧ ଆରମ୍ଭ ହୋଇଯିବାର ଯଥେଷ୍ଟ ସମ୍ଭାବନା ଥିଲା । ଯହିଁରେ କେତେ ଲୋକ ରକ୍ତାତ ହୋଇଥାନ୍ତେ ତାହା ଅଜଣା ଥିଲା ଏବଂ ହଜୁର ସ.ଅ ଯଥା ସମ୍ଭବ ସାମ୍ପ୍ରଦାୟକ ସ୍ତରୀୟ ରକ୍ତପାତକୁ ରୋକିବାକୁ ଚାହୁଁଥିଲେ । ଅତଏବ ହଜୁର ସ.ଅ ଏହି ନିର୍ଦ୍ଦେଶ ଦେଲେ ଯେ କାଆବକୁ ସାମୁହିକ ରୂପେ ବଧ କରିବା ପରିବର୍ତେ ନୀରବତାର ସହ ଏକ ଉପଯୁକ୍ତ ସମୟ ଦେଖି ତାହାକୁ ବଧ କରିଦିଅ ଏବଂ ଏଥିନିମନ୍ତେ ହଜୁର ସ.ଅ ଔଷ ଗୋଷ୍ଠୀର ଜଣେ ସଚ୍ଚୋଟ ସାହାବି ମୁହମ୍ମଦ ବିନ୍ ମୁସଲ୍ଲମାଙ୍କୁ ହସ୍ତାନ୍ତର କଲେ ଏବଂ ତାଙ୍କୁ ତାଗିଦ୍ କଲେ ଯେ କୌଣସି ପନ୍ଥା ଅବଲମ୍ବନ କରି ଔଷ ଗୋଷ୍ଠୀର ସରଦାର ସାଆଦ ବିନ୍ ମୁଆଜ୍‌ଙ୍କ ସହିତ ପରାମର୍ଶ କରନ୍ତୁ । ମୁହମ୍ମଦ ବିନ୍ ମୁସଲ୍ଲମା କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଗୁପ୍ତ ରୂପେ ନିହତ କରିବାକୁ ହେଲେ ତ କୌଣସି କାରଣ ଦର୍ଶାଇବାକୁ ହେବ ଅର୍ଥାତ ଯୋଜନା ବଦ୍ଧ ରୂପେ କାର୍ଯ୍ୟ କରିବାକୁ ହେବ ଯଦ୍ୱାରା କାଆବକୁ ତା'ଘରୁ ବାହାର କରିନେଇ ଏକ ସୁରକ୍ଷିତ ସ୍ଥାନରେ ବଧ କରିବାକୁ ହେବ । ହଜୁର ସ.ଅ କହିଲେ ଅଚ୍ଛା ଠିକ୍ ଅଛି । ଅତଏବ ମୁହମ୍ମଦ ବିନ୍ ମୁସଲ୍ଲମା ଏବଂ ସାଆଦ ବିନ୍ ମାଆଜ୍‌ଙ୍କ ପରାମର୍ଶକ୍ରମେ ଅବୁ ନାଏଲା ଓ ଅନ୍ୟ ଦୁଇ ତିନି ଜଣ ସାହାବିଙ୍କୁ ସାଥିରେ ନେଇ କାଆବ ଘରେ ପହଂଚି ତାହାକୁ ବାହାରକୁ ଡ଼ାକି ଆଣିଲେ ଏବଂ ତାକୁ କହିଲେ ଆମ ପ୍ରିୟ ରସୁଲ ସ.ଅ ଆମକୁ ଦାନ କରିବାର ନିର୍ଦ୍ଦେଶ ଦେଇଛନ୍ତି କିନ୍ତୁ ଆମେ ଅତ୍ୟନ୍ତ ଅଭାବ ଅନଟନରେ ଦିନ କାଟୁଅଛୁ । ତୁମେ ଆମକୁ କିଛି ଋଣ ଦେଇପାରିବ ? ଏହି କଥା ଶୁଣି କାଆବ ଆନନ୍ଦରେ ଉତଫୁଲ୍ଲିତ ହୋଇ କହିବାକୁ ଲାଗିଲା ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ସେହି ଦିନ ଦୂର ନାହିଁ ଯେତେବେଳେ ତୁମେମାନେ ସେହି ବ୍ୟକ୍ତିଠାରୁ ହତୋତ୍ସାହିତ, ରୂଷ୍ଟ ଓ ଦୁଃଖିତ ହୋଇ ତାହାକୁ ପରିତ୍ୟାଗ କରିଦେବ । ମୁହମ୍ମଦ ବିନ୍ ମୁସଲ୍ଲମା ଉତର ଦେଲେ ଆଚ୍ଛା ସେ କଥା ଛାଡ଼ ଆମେମାନେ ତ ତାଙ୍କ ଆନୁଗତ୍ୟ ସ୍ୱୀକାର କରିସାରିଛୁ ବର୍ତମାନ ତୁମେ କୁହ ଆମକୁ ଋଣ ଦେବ ନା ନାହିଁ ? କାଆବ ଉତର ଦେଲାଁ ଦେବି କିନ୍ତୁ ପ୍ରଥମେ କିଛି ଜିନିଷ ମୋ ନିକଟରେ ବନ୍ଧକ ରଖ । ମୁହମ୍ମଦ ବିନ୍ ମୁସଲ୍ଲମା କହିଲେ ତୁମ କୁହ କଣ ବନ୍ଧକ ରଖିବା ? ସେ ହତଭାଗା ଉତର ଦେଲା ନିଜ ପତ୍ନୀମାନଙ୍କୁ ମୋ ନିକଟରେ ବନ୍ଧକ ରଖିଦିଅ । ମୁହମ୍ମଦ ବିନ୍ ମୁସଲ୍ଲମା ନିଜ କ୍ରୋଧକୁ ସମ୍ବରଣ କରି କହିଲେ ଏହା କିପରି ସମ୍ଭବ, ତୁମ ପରି ଅବିଶ୍ୱସନୀୟ ବ୍ୟକ୍ତି ନିକଟରେ ଆମେ କିପରି ଏହା କରିପାରିବୁ । ସେ ଉତର ଦେଲେ ଠିକ୍ ଅଛି ନହେଲେ ନିଜ ପୁତ୍ରମାନଙ୍କୁ ବନ୍ଧକ ରଖିଦିଅ । ମୁହମ୍ମଦ ବିନ୍ ମୁସଲ୍ଲମା ଉତର ଦେଲେ ଏହା ମଧ ସମ୍ଭବ ନୁହେଁ । ଏପରି କରି ଆମେ ସମଗ୍ର ଆରବର କଟାକ୍ଷ ବହନ କରିପାରିବୁ ନାହିଁ । ଯଦି ତୁମେ ଆମ ଉପରେ ଦୟା ପରବେଶ ହୁଅ ତେବେ ଆମେ ନିଜ ଅସ୍ତ୍ରଶସ୍ତ୍ର ତୁମ ନିକଟରେ ବନ୍ଧକ ରଖିଦେବୁ । କାଆବ

**ହଦିସ୍ ନବଓି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

ଏଥିରେ ରାଜି ହୋଇଗଲା ଏବଂ ମୁହମ୍ମଦ ବିନ୍ ମୁସଲ୍ଲମା ତଥା ତାଙ୍କ ସାଥିମାନେ ରାତିରେ ଆସିବାର ପ୍ରତିଶ୍ରୁତି ଦେଇ ସେଠାରୁ ଫେରିଆସିଲେ । ଯେତେବେଳେ ସନ୍ଧ୍ୟା ହେଲା ସାହାବାମାନଙ୍କ ଏହି ଦଳ ଅସ୍ତ୍ରଶସ୍ତ୍ର ସାଥିରେ ନେଇ କାଆବ ଘରେ ପହଂଚିଲେ ଏବଂ ତାକୁ ଘରକୁ ନେଇ କଥା ବାହାନାରେ ଏକ ପାର୍ଶ୍ୱକୁ ନେଇ ହତ୍ୟା କରିଦେଲେ । ତାପରେ ମୁହମ୍ମଦ ବିନ୍ ମୁସଲ୍ଲମା ସେଠାରୁ ବାହାରି ଶିଘ୍ର ଶିଘ୍ର ବାହାରି ଆସି ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ସମସ୍ତ ଘଟଣାଚକ୍ରର ସୂଚନା ଦେଲେ ।

ଯେତେବେଳେ କାଆବର ନିହତ ହେବାର ଖବର ପ୍ରଘଟ ହେଲା ସେତେବେଳେ ସହରରେ ଏହି ଗୁଜବ ଦ୍ୱାରା ୟହୁଦିମାନେ ଅତ୍ୟନ୍ତ ଉତେଜିତ ହୋଇଗଲେ ଏବଂ ତା'ପରଦିନ ପ୍ରାତଃ ସମୟରେ ୟହୁଦିମାନଙ୍କର ଏହି ପ୍ରତିନିଧି ମଣ୍ଡଳ ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ ଅଭିଯୋଗ କଲେ କି ଆମର ଅଧିପତି କାଆବ ବିନ୍ ଅଶ୍ରଫ୍‌ଙ୍କୁ ହତ୍ୟା କରାଯାଇଛି । ହଜୁରୁ ସ.ଅ ସେମାନଙ୍କ କଥା ଶୁଣି କହିଲେ- କ'ଣ ତୁମକୁ ଜଣା ଅଛି ଯେ କାଆବ କେଉଁ କେଉଁ ଦୋଷରେ ସଂଶ୍ଳିଷ୍ଟ ଥିଲା ଏବଂ ହଜୁର ସ.ଅ ସଂକ୍ଷେପରେ ସେମାନଙ୍କୁ କାଆବର ସର୍ତଭଙ୍ଗ, ଯୁଦ୍ଧ ପାଇଁ ପ୍ରୋତ୍ସାହିତ କରିବା, ଉଦ୍ରବ ମୂଳକ ଉକ୍ତି, ଅସଭ୍ୟ ଆଚରଣ ଓ ହତ୍ୟା ପରି ସଙ୍ଗୀନ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସ୍ମରଣ କରାଇଲେ । ଯଦ୍ୱାରା ସେମାନେ ଭୟଭୀତ ହୋଇ ନୀରବ ହୋଇଗଲେ । ପୁନଶ୍ଚ ହଜୁର ସ.ଅ କହିଲେ ତୁମମାନଙ୍କ ପାଇଁ ଏା ଉଚିତ ହେବ ଯେ, ତୁମେମାନେ ଅନ୍ତତଃ ଭବିଷ୍ୟତ ପାଇଁ ଶାନ୍ତି ଓ ସହଯୋଗୀତାର ସହ ରୁହ ଏବଂ ଶତ୍ରୁତା ତଥା ଉପଦ୍ରବ ମୂଳକ ବୀଜ ବପନ କର ନାହିଁ । ସୁତରାଂ ୟହୁଦିମାନଙ୍କର ସହମତିକ୍ରମେ ଭବିଷ୍ୟତ ପାଇଁ ଏକ ନୂତନ ଚୁକ୍ତି ସ୍ୱାକ୍ଷରିତ ହେଲା । ୟହୁଦିମାନେ ମୁସଲମାନମାନଙ୍କ ସହ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ବସବାସ କଲେ ଏବଂ ଉପଦ୍ରବରୁ ନିବୃତ ରହିବାର ନୂତନ ଚୁକ୍ତି ପତ୍ର ସାକ୍ଷାରିତ ହେଲା । ତେଣୁ କାଆବ୍ ଯଦି ଦୋଷୀ ହୋଇ ନଥାନ୍ତା ତେବେ ୟହୁଦୀମାନେ କେବେହେଲେ ଏତେ ସହଜରେ ନୂତନ ଚୁକ୍ତି ସାକ୍ଷର କରି ନଥାନ୍ତେ ଏବଂ ତାହାର ହତ୍ୟା ହେବା ସମ୍ପର୍କରେ ନୀରବ ରହି ନଥାନ୍ତେ କାରଣ ସେମାନେ ହୃଦୟଙ୍ଗମ କଲେ ଯେ, କାଆବ ନିଜ କୁକର୍ମ ଯୋଗୁଁ ନିହତ ହେବା ଯୋଗ୍ୟ ଥିଲା ।

କାଆବ ବିନ୍ ଅଶ୍ରଫ୍‌ର ହତ୍ୟା ସମ୍ପର୍କରେ କେତେକ ପାଶ୍ଚାତ୍ୟ ଐତିହାସିକମାନେ ଅନେକ କିଛି ଲେଖିଛନ୍ତି ଏବଂ ହଜୁର ସ.ଅଙ୍କ ବ୍ୟକ୍ତିତ୍ୱରେ ଏକ ଦାଗ ସଦୃଶ ପ୍ରକାଶ୍ୟ କରି ଉକ୍ତ ହତ୍ୟା ସମ୍ପର୍କରେ ଆପତି କରିଛନ୍ତି । କିନ୍ତୁ ଦେଖିବାକୁ ଗଲେ ପ୍ରଥମତଃ ଏହି ହତ୍ୟା କରିବା ଘଟଣା ଯୁକ୍ତିଯୁକ୍ତ ଥିଲା ଅଥବା ନୁହେଁ? ଦ୍ୱିତୀୟତଃ ଯେଉଁ ଉପାୟ ଏହି ହତ୍ୟା କରିବା ପାଇଁ ଅବଲମ୍ବ କରାଯାଇଥିଲା ତାହା ଉଚିତ ଥିଲା ନା ନାହିଁ? ହଜୁର ଅନୱର ଅ.ବ କହିଲେ- କାଆବ ବିନ୍ ଅଶ୍ରଫ୍ ହଜୁର ସ.ଅଙ୍କ ସହିତ ନିୟମିତ ରୂପେ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଚୁକ୍ତି କରିସାରିଥିଲା ଏବଂ ମୁସଲମାନମାନଙ୍କ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ କରିବା ତ ଦୂରର କଥା ସେ ଏହି କଥାର ଶପଥ ନେଇଥିଲା ଯେ, ସେ ପ୍ରତ୍ୟେକ ବିହ୍ୟିକ ଶତ୍ରୁତା ନିରୁଦ୍ଧରେ ମୁସଲମାନମାନଙ୍କର ସାହାଯ୍ୟ କରିବ ଏବଂ ମୁସଲମାନମାନଙ୍କ ସହିତ ବନ୍ଧୁତାପୂର୍ଣ୍ଣ ସମ୍ପର୍କ ରଖିବ । କିନ୍ତୁ କାଆବ ବିନ୍ ଅଶ୍ରଫ୍ ସମସ୍ତ ସର୍ତ ଓ ଚୁକ୍ତିକୁ ଉର୍ଦ୍ଧ୍ୱରେ ରଖି କେବଳ ଯେ, ମୁସଲମାନମାନଙ୍କ ସହିତ ବିଶ୍ୱାସଘାତ କରି ନଥିଲା ତାହା ନୁହେଁ ବରଂ କ୍ଷମତାରେ ଥିବା ସରକାର ସହିତ

| ହଜରତ୍ ଅମୀରୁଲ୍ | ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ<br>*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)* |
|---|---|

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

| ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''<br>*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)* |
|---|---|

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

## ନଜାରତ୍ ତାଲିମ୍ କାଦିୟାନ୍ ତରଫରୁ ପୁରସ୍କାର ମୂଳକ ନିବନ୍ଧ ପ୍ରତିଯୋଗିତାର ଫଳାଫଳର ଘୋଷଣା

ସାରା ହିନ୍ଦୁସ୍ତାନର ଅହେମଦୀ ଛାତ୍ରଛାତ୍ରୀ ଏବଂ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ନିବନ୍ଧ ଲେଖିବା ଯୋଗ୍ୟତାର ବିକାଶ ପାଇଁ ଏବଂ ସେମାନଙ୍କର ଅନ୍ତର୍ନିହିତ ସାମର୍ଥ୍ୟକୁ ଉଜାଗର କରିବା ପାଇଁ ପ୍ରତ୍ୟେକ ବର୍ଷ ନଜାରତ୍ ତାଲିମ୍ କାଦିୟାନ୍ ତରଫରୁ ପୁରସ୍କାର ମୂଳକ ନିବନ୍ଧ ପ୍ରତିଯୋଗିତା କରାଯାଇଥାଏ ।

ଏବର୍ଷ ୨୦୧୯-୨୦ ପାଇଁ ପୁରସ୍କାର ମୂଳକ ନିବନ୍ଧ ପ୍ରତିଯୋଗିତାର ବିଷୟବସ୍ତୁ ଥିଲା **''କର୍ମଠ ଦାଇ ଇଲଲ୍ଲାହ୍ ର ଦାୟିତ୍ୱ ଓ କର୍ତବ୍ୟ ହଜୁର ଅନୱର୍ ଅ:ବ:ଅଙ୍କ ନିର୍ଦ୍ଦେଶାବଳୀ ଆଲୋକରେ''**

ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରୀଙ୍କ ନାମ ଘୋଷଣା କରାଯାଉଅଛି । ବିବରଣୀ ନିମ୍ନରେ ଦିଆଗଲା । ଆସନ୍ତାବର୍ଷ ୨୦୨୦-୨୧ ମସିହାର ନିବନ୍ଧର ବିଷୟ ଶିଘ୍ର ଘୋଷଣା କରାଯିବ । ଛାତ୍ରୀଛାତ୍ରମାନଙ୍କୁ ଆସନ୍ତାବର୍ଷ ପାଇଁ ପୁରସ୍କାର ମୂଳକ ନିବନ୍ଧ ପ୍ରତିଯୋଗିତାରେ ଭାଗ ନେବାପାଇଁ ପ୍ରୋତ୍ସାହିତ କରାଯାଉଅଛି ।

ବର୍ଷ ୨୦୧୮-୧୯ ପୁରସ୍କାର ମୂଳକ ନିବନ୍ଧ ପ୍ରତିଯୋଗିତାର ଫଳାପଳ

| କ୍ରମିକ ସଂଖ୍ୟା | ନିବନ୍ଧ ଲେଖକଙ୍କ ନାମ | ଯମାତ | ପୋଜିସନ୍ | ପୁରସ୍କାର ଅର୍ଥରାଶୀ |
|---|---|---|---|---|
| ୧ | ମୋକରମା ସରୱ୍‌ତ୍ ନୂର ସଇଦ୍ ସାହିବା | କାଦିୟାନ୍ | ପ୍ରଥମ | ୫୦୦୦ |
| ୨ | ମୋକରମା ନଜ୍‌ମା ତାରିକ୍ ସାହିବା | କାଦିୟାନ୍ | ଦ୍ୱିତୀୟ | ୪୦୦୦ |
| ୩ | ମୋକରମା ଗଜାଲା କୌକବ୍ ସାହିବା | ହାଇଦ୍ରାବାଦ୍ | ତୃତୀୟ | ୩୦୦୦ |
| ୪ | ମୋକରମା ଆଇଶା ସଲିମ୍ ସାହିବା | ପାଲାକାଡ୍ | ଖୁସୁସି (ଅନୁଗ୍ରହମୂଳକ) | ୧୦୦୦ |

**ନଜାରତ୍ ତାଲିମ୍ କାଦିୟାନ**

## ଡ୍ରାଇଭର ଭାବେ ସେବା କରିବାକୁ ଇଚ୍ଛୁକ ପ୍ରାର୍ଥୀ ଧ୍ୟାନ ଦିଅନ୍ତୁ

ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର ପଦବୀ ନିମନ୍ତେ ସ୍ଥାନ ଖାଲିଅଛି । ଯେଉଁ ବନ୍ଧୁ ଡ୍ରାଇଭର ଭାବେ ସେବା କରିବାକୁ ଇଚ୍ଛା ରଖିଛନ୍ତି ସେମାନେ ନିଜର ଦରଖାସ୍ତ ଦୁଇ ମାସ ଭିତରେ ନିଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା ନିକଟକୁ ପଠାଇ ପାରିବେ । ସର୍ତାବଳୀ ନିମ୍ନରେ ଦିଆଗଲା ।

୧. ପ୍ରାର୍ଥୀଙ୍କ ନିକଟରେ ଡ୍ରାଇଭିଙ୍ଗ ଲାଇସେନ୍ସ ଓ ଡ୍ରାଇଭିଙ୍ଗର ଅଭିଜ୍ଞତା ଥିବା ଜରୁରୀ ।
୨. ପ୍ରାଥୀଙ୍କ ପାଇଁ ଜନ୍ମ ପ୍ରମାଣପତ୍ର ପ୍ରଦାନ କରିବା ଜରୁରୀ ଅଟେ ।
୩. ସେହି ପ୍ରାର୍ଥୀଙ୍କୁ ଡ୍ରାଇଭର ଭାବେ ସେବାକାର୍ଯ୍ୟ ନିମନ୍ତେ ଚୟନ କରାଯିବ ଯେଉଁମାନେ ଇଂଟରଭ୍ୟୁ ବୋର୍ଡ୍ ଦ୍ୱାରା ସଫଳ ହେବେ ।
୪. ଏବଂ ଯିଏ ନୂର ହସ୍ପିଟାଲ କାଦିଆନ୍‌ର ମେଡ଼ିକାଲ୍ ଫିଟନେସ ସାର୍ଟିଫିକେଟ ମୁତାବକ ସ୍ୱାସ୍ଥ୍ୟବାନ ଘୋଷିତ ହେବେ ।
୫. ପ୍ରାର୍ଥୀଙ୍କୁ ଦ୍ୱିତୀୟଶ୍ରେଣୀ କର୍ମଚାରୀସମ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ଦିଆଯିବ ।
୬. ପ୍ରାର୍ଥୀ କାଦିଆନ୍ ଆସିବାର ଯାତାୟାତ ଖର୍ଚ୍ଚ ନିଜେ ବହନ କରିବେ ।
୭. ପ୍ରାର୍ଥୀଙ୍କୁ କାଦିଆନ୍‌ରେ ନିଜ ରହିବାର ବ୍ୟବସ୍ଥା ନିଜେ କରିବେ ।

ନୋଟ୍- ଦରଖାସ୍ତ ଫର୍ମ ନଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଠାରୁ ହାସଲ କରିନିଅନ୍ତୁ । (ନାଜର୍ ଦିୱାନ୍ କାଦିଆନ)

ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ:
ନଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ
ଫୋନ୍: ୦୧୮୭୨-୫୦୧୧୩୦
ମୋବାଇଲ୍: ୯୮୭୬୧୩୮୩୪୭, ୯୭୪୭୩୫୧୨୮୦
ଇମେଲ୍ : diwan@qadian.in

## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ମଧ୍ୟ ବିଶ୍ୱାସଘାତ କରିଥିଲା । କଣ ଆଜିକାଲି ସଭ୍ୟ ବୋଲାଉଥିବା ରାଷ୍ଟ୍ରମାନଙ୍କରେ ବିଦ୍ରୋହ, ବିଶ୍ୱାସଘାତକତା, ଚୁକ୍ତି ଭଙ୍ଗ ଏବଂ ଉତେଜିତ ପୂର୍ଣ୍ଣ ଉକ୍ତି ଓ ହତ୍ୟା ଭଳି ଷଡ଼ଯନ୍ତ୍ର କରୁଥିବା ଦୋଷୀକୁ ମୃତ୍ୟୁଦଣ୍ଡ ଦିଆଯାଉଛି କି ନାହିଁ ?

ବର୍ତମାନ ଏହି ପ୍ରଶ୍ନ ଉତ୍ଥାପିତ ହୁଏ ଯେ, କାଆବକୁ ହତ୍ୟା କରିବାର ଯୋଜନା ଉଚିତ ଥିଲା କି ନାହିଁ । ଏହାର ଉତରରେ ହଜରତ ମିର୍ଜା ବଶିର ଅହମଦ ସାହେବ କୁହନ୍ତି ଆରବରେ ବର୍ତମାନ ଭଳି ନିୟମ ମୁସଲମାନ ସରକାର ନଥିଲା ବରଂ ପ୍ରତ୍ୟେକ ବ୍ୟକ୍ତି ଓ ପ୍ରତ୍ୟେକ ସମ୍ପ୍ରଦାୟ ସ୍ୱାଧୀନ ତଥା ସ୍ୱଚ୍ଛାଚାରୀ ଥିଲେ । ଏପରି ପରିସ୍ଥିତିରେ କୌଣସି ନ୍ୟାୟଳୟ ନଥିଲା ଯେଉଁଠାରେ କି କାଆବ ବିରୁଦ୍ଧରେ ମକଦ୍ଦମା ଦାଏର କରାଯାଇ ସ୍ଥାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାନ୍ତା ? ଏକଥା ମଧ୍ୟ ମନେରଖିବା ଉଚିତ ଯେ, ସେହି ଚୁକ୍ତି ଅନୁଯାୟୀ ଯାହାକି ପ୍ରବାସ ପରେ ମସୁଲମାନ ଓ ୟହୁଦିମାନଙ୍କ ମଧ୍ୟରେ ହୋଇଥିଲା ଏବଂ ତାହା ଏହି ଯେ ହଜୁର ସ.ଅଙ୍କୁ କେବଳ ମାତ୍ର ଏକ ସାଧାରଣ ନାଗରିକର ଯୋଗ୍ୟତା ପ୍ରାପ୍ତ ନଥିଲା ବରଂ ହଜୁର ସ.ଅ ସେହି ଲୋକତନ୍ତ୍ରର ରାଷ୍ଟ୍ରପତି ରୂପେ ବିବେଚିତ ହୋଇଥିଲେ । ଯେଉଁ ଲୋକତନ୍ତ୍ର ମଦିନାରେ ସ୍ଥାପିତ ହୋଇଥିଲା ଏବଂ ହଜୁର ସ.ଅ ଉକ୍ତ ସ୍ୱେଚ୍ଛାକୃତ, ଐଚ୍ଛିକ ଓ ସ୍ୱାଧୀନତା ପ୍ରାପ୍ତ ଥିଲା ଯେ ସମସ୍ତ ସଂଘର୍ଷ ଓ ରାଜନୈତିକ ବିଷୟରେ ହଜୁର ସ.ଅ ଯେଉଁ ଉଚିତ ନିଷ୍ପତି ଗ୍ରହଣ କରିବେ ସେଥିରୁ ମୁକ୍ତ ଥିଲେ । ସୁତରାଂ ହଜୁର ସ.ଅ ଦେଶରେ ଶାନ୍ତିର ହିତ ସପକ୍ଷରେ କାଆବର ଉପଦ୍ରବ କାରଣରୁ ତାହାକୁ ମୃତ୍ୟୁ ଦଣ୍ଡ ଯୋଗ୍ୟ ବୋଲି ରାୟ ଦେଇଥିଲେ ।

ଅନ୍ୟ ଆପତି ହେଉଛି ଯେ ଆଉ ଏକ ଅବସରରେ ହଜୁର ସ.ଅ କୁଆଡ଼େ ନିଜ ସାହାବାମାନଙ୍କ ମିଥ୍ୟା ପ୍ରବଂଚନା କରିବାକୁ ସାହାବିମାନଙ୍କୁ ଅନୁମତି ପ୍ରଦାନ କରିଥିଲେ । ଏହା ସମ୍ପୂର୍ଣ୍ଣ ରୂପେ ଭିତିହୀନ ଓ ଭ୍ରମାତ୍ମକ ତଥା ସଠିକ୍ ବର୍ଣ୍ଣନାକୁ ଖଣ୍ଡନ କରୁଅଛି । ବୁଖାରୀର ବର୍ଣ୍ଣନା ଅନୁଯାୟୀ ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ ହଜୁର ସ.ଅଙ୍କୁ ପ୍ରଶ୍ନ କଲେ କାଆବକୁ ଗୁପ୍ତ ରୂପେ ହତ୍ୟା କରିବାକୁ ହେଲେ କିଛି ନା କିଛି ଉପାୟ ପାଂଚିବାକୁ ହେବ । ଅତଏବ ହଜୁର ସ.ଅ ଦେଶ ହିତକୁ ଦୃଷ୍ଟିରେ ରଖି ଯେଉଁ ଗୁପ୍ତ ତଥା ନୀରବତାପୂର୍ଣ୍ଣ ଶାସ୍ତିର ପ୍ରସ୍ତାବିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅନୁମତି ପ୍ରଦାନ କରି ଉତରରେ ମାତ୍ର ଏତିକି କହିଲେ ହଁ ଠିକ୍ ଅଛି । ଆଉ ଏକ ବର୍ଣ୍ଣନାନୁଯାୟୀ ହଜୁର ସ.ଅ କିମ୍ବା ମୁହମ୍ମଦ ବିନ୍ ମୁସଲ୍ଲମା ର.ଅଙ୍କ ତରଫରୁ କଦାପି କୌଣସି ସ୍ୱଷ୍ଟିକରଣ ହୋଇ ନାହିଁ । ସୁତରାଂ ଯୁଦ୍ଧ ସମୟରେ ଗୁପ୍ତଚରମାନେ ମଧ୍ୟ ନିଜ ଦାୟିତ୍ୱ ନିର୍ବାହ କଲାବେଳେ ଏହି ପ୍ରକାରର କଥା କହିଥାନ୍ତି । ଯାହା ଉପରେ କୌଣସି ବୁଦ୍ଧିମାନ ବ୍ୟକ୍ତି ଆପତି କରି ନଥାଏ । ସୁତରାଂ ସେ ଯାହାହେଉ ନା କାହିଁକି ହଜୁର ସ.ଅଙ୍କ ବିକ୍ତିତ୍ୱ ଏପରି ସମସ୍ତ ଅଭିଯୋଗରୁ ପବିତ୍ର ଅଟେ ।

କେତେକ ଲୋକେ ଏପରି ପ୍ରଶ୍ନ ମଧ୍ୟ ଉଠାଇଥାନ୍ତି କି ଯୁଦ୍ଧରେ ମିଛ କହିବା ଓ ବିଶ୍ୱାସଘାତ କରିବା ଉଚିତ କି ? କେତେକ ବର୍ଣ୍ଣନାରେ ଏହା ଉଲ୍ଲେଖି ରହିଛି ଯେ ହଜୁର ସ.ଅ କହୁଥିଲେ କି **ଅଲ୍‌ହର୍‌ବୁ ଖୁଦଅତୁନ୍** ଅର୍ଥାତ ଯୁଦ୍ଧ ତ ମାତ୍ର ଏକ ଧୋକା ଅଟେ ଏବଂ ଏଥିରୁ ସ୍ୱଷ୍ଟ ହେଉଅଛି ଯେ ନାଉଜୁବିଲ୍ଲାଃ ଯୁଦ୍ଧରେ ହଜୁର ସ.ଅଙ୍କ ନିକଟରୁ ବିଶ୍ୱାସଘାତକତା କରିବା ପାଇଁ ଅନୁମତି ପ୍ରଦାନ କରାଯାଇଥିଲା । ପ୍ରାଥମିକ ରୂପେ ଯଦି **ଅଲ୍‌ହର୍‌ବୁ ଖୁଦଅତୁନ୍**ର ଅର୍ଥ ନୁହେଁ ଯେ ଯୁଦ୍ଧରେ ବିଶ୍ୱାସଘାତକତା କରିବା ବୈଦ୍ଧ ଅଟେ । ବରଂ ଏହାର ଅର୍ଥ କେବଳ ଏତିକି ଯେ, ଯୁଦ୍ଧ ସ୍ୱୟଂ ଏକ ବିଶ୍ୱାସଘାତକତା ଅଟେ । ହଜୁର ସ.ଅ ଯୁଦ୍ଧର ଆଉ ଏକ ନାମକରଣ ବିଶ୍ୱାସଘାତକତା କରିଥିଲେ । ଏହି ଦୁଇଟି ବର୍ଣ୍ଣନାକୁ ମିଶ୍ରଣ କଲେ ଏହି ଫଳାଫଳ ଉପନିତ ହେଉଅଛି କି ହଜୁର ସ.ଅଙ୍କର ପ୍ରକୃତ ଉଦ୍ଦେଶ୍ୟ କଦାପି ଏହା ନଥିଲା ଯେ ଯୁଦ୍ଧରେ ବିଶ୍ୱାସଘାତକତା କରିବା ବୈଧ ଅଟେ । ବରଂ ହଜୁର ସ.ଅଙ୍କର ଏହା ଉଦ୍ଦେଶ୍ୟ ଥିଲା କି ଯୁଦ୍ଧ ସ୍ୱୟଂ ଏକ ବିଶ୍ୱାସଘାତକମୂଳକ ଜିନିଷ ।

ବର୍ତମାନ ରଣନୀତିର ମଧ୍ୟ ସ୍ୱରୂପ ବିଭିନ୍ନ ହୋଇପାରିବ । ଉଦାହରଣ ସ୍ୱରୂପ ସଠିକ୍ ବର୍ଣ୍ଣନାରୁ ଏହା ପ୍ରମାଣିତ ଯେ, ହଜୁର ସ.ଅ ଯେତେବେଳେ କୌଣସି ଯୁଦ୍ଧରେ ବାହାରୁଥିଲେ ସେତେବେଳେ ସାମାନ୍ୟତଃ ନିଜର ଲକ୍ଷ୍ୟସ୍ଥଳକୁ ପ୍ରକାଶ୍ୟ କରୁ ନଥିଲେ ଏବଂ ବେଳେବେଳେ ହଜୁର ସ.ଅ ଏପରି କରୁଥିଲେ କି ଆପଣ ଦକ୍ଷିଣ ଦିଗକୁ ଯାତ୍ରା କରିବାକୁ ଚାହୁଁଥିଲେ କିନ୍ତୁ ଯାତ୍ରା ଆରମ୍ଭ ଉତର ଦିଗ ଅଭିମୂଖେ କରୁଥିଲେ ଏବଂ ପରେ ଦକ୍ଷିଣ ଆଡ଼କୁ ବୁଲି ଯାଉଥିଲେ । କିମ୍ବା ଯଦି କେତେବେଳେ କୌଣସି ବ୍ୟକ୍ତି ପ୍ରଶ୍ନ କରୁଥିଲା କି କେଉଁଠୁ ଆସିଛନ୍ତି । ସେତେବେଳେ ହଜୁର ସ.ଅ ମଦିନାର ନାମ ନେବା ପରିବର୍ତେ ନିକଟବର୍ତୀ ଅଂଚଳର ନାମ ନେଉଥିଲେ । ସେହିପରି ଅନ୍ୟ କୌଣସି ବୈଧ ଯୁଦ୍ଧୀୟ କୌଶଳ ଅବଲମ୍ବନ କରୁଥିଲେ କିମ୍ବା ଯେପରି କୁରଆନରେ ଇଙ୍ଗିତ କରାଯାଇଛି ଯେ, ସାହାବାମାନେ ବେଳେ ବେଳେ ଏପରି କହୁଥିଲେ କି ଶତ୍ରୁତାମାନଙ୍କୁ ବେଖାତିର ବା ଅସାବଧାନ କରିବା ପାଇଁ ରଣଭୂମିରୁ ପଛଘୁଂଚା ଦେବାକୁ ଆରମ୍ଭ କରିଦେଉଥିଲେ ଏବଂ ଯେତେବେଳେ ଶତ୍ରୁ ଅସାବଧାନ ହୋଇଯାଉଥିଲା ଏବଂ ତାହାର ଧାଡ଼ିରେ ଅବ୍ୟବସ୍ଥା ଦୃଶ୍ୟମାନ ହେଉଥିଲା ସେତେବେଳେ ଆକସ୍ମିକ ରୂପେ ଆକ୍ରମଣ କରିଦେଉଥିଲେ ଏବଂ ଏହି ସମସ୍ତ ସ୍ୱରୂପଗୁଡ଼ିକ ସେହି ରଣନୀତି ସମ୍ବନ୍ଧୀୟ ଅଟେ । ଯାହାକୁ ଯୁଦ୍ଧକାଳୀନ ପରିସ୍ଥିତିରେ ବୈଧ ବୋଲି ବିବେଚିତ କରାଯାଇଛି ।

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 05-12 Mar 2020 Issue No. 10-11

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

କିନ୍ତୁ ଏତତ୍ ବ୍ୟତୀତ ଯଦି ମିଥ୍ୟା ଏବଂ ବିଶ୍ୱାସଘାତକତାର ସାହାଯ୍ୟ ନିଆଯାଏ ତେବେ ଏହି ପ୍ରକାରର ରଣନୀତି ପ୍ରୟୋଗ କରିବା ସମ୍ପର୍କରେ ଇସଲାମ ଦୃଢତାର ସହ ବାରଣ କରିଛି । ପରିବର୍ତ୍ତେ ନିକଟବର୍ତ୍ତୀ ଅଂଚଳର ନାମ ନେଉଥିଲେ । ସେହିପରି ଅନ୍ୟ କୌଣସି ବୈଧ ଯୁଦ୍ଧୀୟ କୌଶଳ ଅବଲମ୍ବନ କରୁଥିଲେ କିମ୍ବା ଯେପରି କୁରଆନରେ ଇଙ୍ଗିତ କରାଯାଇଛି ଯେ, ସାହାବାମାନେ ବେଳେ ବେଳେ ଏପରି କହୁଥିଲେ କି ଶତ୍ରୁତାମାନଙ୍କୁ ବେଖାତିର ବା ଅସାବଧାନ କରିବା ପାଇଁ ରଣଭୂମିରୁ ପଛଘୁଂଚା ଦେବାକୁ ଆରମ୍ଭ କରିଦେଉଥିଲେ ଏବଂ ଯେତେବେଳେ ଶତ୍ରୁ ଅସାବଧାନ ହୋଇଯାଉଥିଲା ଏବଂ ତାହାର ଧାଡ଼ିରେ ଅବ୍ୟବସ୍ଥା ଦୃଶ୍ୟମାନ ହେଉଥିଲା ସେତେବେଳେ ଆକସ୍ମିକ ରୂପେ ଆକ୍ରମଣ କରିଦେଉଥିଲେ ଏବଂ ଏହି ସମସ୍ତ ସ୍ୱରୂପଗୁଡ଼ିକ ସେହି ରଣନୀତି ସମ୍ବନ୍ଧୀୟ ଅଟେ । ଯାହାକୁ ଯୁଦ୍ଧକାଳୀନ ପରିସ୍ଥିତିରେ ବୈଧ ବୋଲି ବିବେଚିତ କରାଯାଇଛି । କିନ୍ତୁ ଏତତ୍ ବ୍ୟତୀତ ଯଦି ମିଥ୍ୟା ଏବଂ ବିଶ୍ୱାସଘାତକତାର ସାହାଯ୍ୟ ନିଆଯାଏ ତେବେ ଏହି ପ୍ରକାରର ରଣନୀତି ପ୍ରୟୋଗ କରିବା ସମ୍ପର୍କରେ ଇସଲାମ ଦୃଢତାର ସହ ବାରଣ କରିଛି । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସ କହୁଥିଲେ ଯେ, ଇସ୍‌ଲାମ୍‌ରେ ଖୁଦାଙ୍କ ସହିତ ସିର୍କ କରିବା ଏବଂ ମାଆ ବାପାଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବାପାରେ ତୃତୀୟ ନଂ ରେ ମିଛ କହିବାର ପାପ ହେଉଛି ସବୁଠାରୁ ବଡ଼ ପାପ ପୁଣି ଆଁ ହଜ୍‌ରତ୍ ସ:ଆ:ସ କହୁଥିଲେ ଯେ, ଇମାନ୍ ଏବଂ ଭୀରୁତା ଗୋଟିଏ ସ୍ଥାନରେ ଏକତ୍ରୀତ ହୋଇପାରିବ । କିନ୍ତୁ ଇମାନ୍ ଏବଂ ମିଥ୍ୟା କଦାପି ଗୋଟିଏ ଜାଗାରେ ଏକାଠି ହୋଇପାରିବେ ନାହିଁ ସେହିପରି ଧୋକା ଓ ବିଶ୍ୱାସଘାତକତା ସମ୍ବନ୍ଧରେ କହୁଥିଲେ ଯେ, ଯେଉଁ ବ୍ୟକ୍ତି ବିଶ୍ୱାସଘାତକତା କରିଥାଏ ସେ କୟାମତ ଦିନ ଖୁଦାଙ୍କର ଭୀଷଣ ଦଣ୍ଡରେ ଦଣ୍ଡିତ ହେବ । ସୁତରାଂ ଯୁଦ୍ଧରେ ଯେଉଁ ପ୍ରକାର ଖୁଦ୍‌ଅତୁନ୍ (ଧୋକା)ର ଅନୁମତି ଦିଆଯାଇଛି ତାହା ପ୍ରକୃତ ଧୋକା ବା ମିଥ୍ୟା ନୁହେଁ ବରଂ ଏଥିରୁ ଯୁଦ୍ଧର ରଣନୀତିର ଅର୍ଥରେ ବ୍ୟବହାର ହୋଇଥାଏ । ଏହା ଦ୍ୱାରା ଯୁଦ୍ଧରେ ଶତ୍ରୁମାନଙ୍କୁ ଗାଫିଲ୍ କରିବାପାଇଁ ବା ସେମାନଙ୍କ ଉପରେ ବିଜୟପ୍ରାପ୍ତ କରିବାପାଇଁ ଏପରି ରଣନୀତିକୁ ବ୍ୟବହାର କରାଯାଇଥାଏ ଓ ଏହା ପ୍ରକାଶ୍ୟରେ ମିଥ୍ୟା ଓ ଧୋକା ସହିତ ସମାନ ବୋଲି ବୁଝା ପଡ଼ିଥାଏ । ଯେବେ କି ତାହା ବାସ୍ତବ ପକ୍ଷେ ମିଥ୍ୟା ହୋଇନଥାଏ । ସୁତରାଂ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଲେଖୁଛନ୍ତି ଯେ, ଆମ ମତରେ ନିମ୍ନଲିଖିତ ହଦିସ୍ ଏହାର ସମର୍ଥନ କରୁଅଛି ଏବଂ ସେହି ହଦିସ୍‌ଟି ହେଉଛି ଏପରି କି, ଉମ୍ମେ କୁଲ୍‌ସୁମ୍ ବିନ୍ତ ଉକ୍‌ବା ରିୱାୟତ କରୁଛନ୍ତି ଯେ, ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ କେବଳ ତିନୋଟି ଅବସରରେ ଏପରି କଥା କହିବାପାଇଁ ଅନୁମତି ଦେବାର ଶୁଣିଛି । ଯାହା ବାସ୍ତବ ପକ୍ଷେ ମିଥ୍ୟା ତ ନୁହେଁ କିନ୍ତୁ ସାଧାରଣ ଲୋକମାନେ ତାହାକୁ ଭୁଲ୍ ବଶତଃ ମିଥ୍ୟା ବୋଲି ବିବେଚିତ କରୁଛନ୍ତି । ପ୍ରଥମଟି ହେଉଛି ଯୁଦ୍ଧ, ଦ୍ୱିତୀୟଟି ହେଉଛି ଯୁଦ୍ଧ କରୁଥିବା ଲୋକମାନଙ୍କ ମଧ୍ୟରେ ସୁଲାହ୍ (ମିଳାମିଶା) କରିବାର ଅବସର ମିଳିବା ସମୟରେ ଏବଂ ତୃତୀୟଟି ହେଉଛି ଯେତେବେଳେ ପୁରୁଷ ନିଜ ସ୍ତ୍ରୀଙ୍କ ସହିତ ବା ସ୍ତ୍ରୀ ନିଜ ସ୍ୱାମୀଙ୍କ ସହିତ ଏପରି କୌଣସି କଥା ହୁଅନ୍ତୁ ଯେଉଁଥିରେ ଜଣେ ଅନ୍ୟଜଣକୁ ରାଜି ଓ ଖୁସି କରାଇବାର ଉଦ୍ଦେଶ୍ୟ ରଖିଥିବ । ନେକ୍ ନିୟତ ପ୍ରତିକ୍ଷେତ୍ରରେ ହେବା ଉଚିତ ଅଥବା ପୂଣ୍ୟ ଉଦ୍ଦେଶ୍ୟ ହାସଲ କରିବା ଉଚିତ ।

ଏହି ହଦିସ୍‌ଟି ଏକଥାରେ କୌଣସି ପ୍ରକାରର ସନ୍ଦେହ କରିବାକୁ ସ୍ଥାନ ରଖିନାହିଁ ଅର୍ଥାତ ଯେଉଁ ପ୍ରକାରର ଖୁଦ୍‌ଅତୁନ୍ ର ଯୁଦ୍ଧରେ ଅନୁମତି ଦିଆଯାଇଛି ସେଥିରେ ଧୋକା ଦେବା ବା ମିଛ କହିବା ପାଇଁ ନୁହେଁ ବରଂ ତାହାର ଅର୍ଥ ହେଉଛି ଏହା କି, ବେଳେବେଳେ ଯୁଦ୍ଧର ରଣନୀତିରୂପେ ଏହିଭଳି କଥାକୁ ବ୍ୟବହାର କରିବା ଜରୁରୀ ହୋଇପଡ଼ିଥାଏ ଓ ଏହାକୁ ପ୍ରତି ଜାତି ଓ ପ୍ରତ୍ୟେକ ଧର୍ମରେ କୁଚିତ୍ ମଣାଯାଇଛି ।

କାଆବ୍ ବିନ୍ ଅଶରଫ୍‌ଙ୍କ ଘଟଣା ସମ୍ବନ୍ଧରେ ଚର୍ଚ୍ଚା କରିବାପରେ ଇବ୍‌ନେ ହୁଶାମ୍ ଏହି ରିୱାୟତଟି ନକଲ କରିଛି ଯେ, କାଆବ୍‌ଙ୍କ ହତ୍ୟାପରେ ଆଁ ହଜ୍‌ରତ୍ ସ:ଆ:ସ ସାହାବାମାନଙ୍କୁ ଏ ନିର୍ଦ୍ଦେଶ ଦେଇଥିଲେ ଯେ, ଏବେ ଯେକୌଣସି ଇହୁଦୀଙ୍କୁ ତୁମେ କାବୁ କରିନେବ ଓ ତାକୁ ହତ୍ୟା କରିଦିଅ । ସୁତରାଂ ଜଣେ ସାହାବି ଯାହାଙ୍କ ନାମ ମୁହେଁସା ଥିଲା ସେ ଜଣେ ଇହୁଦୀ ଉପରେ ଆକ୍ରମଣ କରି ତାକୁ ହତ୍ୟା କରିଦେଇଥିଲେ । ଏହି ରିୱାୟତଟି ଅବୁ ଦାଉଦ୍ ନକଲ୍ କରିଛି ଏବଂ ଦୁଇଟିଯାକ ରିୱାୟତର ସ୍ରୋତ ହେଉଛି ଇବ୍‌ନେ ଇସ୍‌ହାକ୍ । ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ସାହେବ ର:ଅ ଲେଖୁଛନ୍ତି ଯେ, ରିୱାୟତର ପ୍ରଥା ଅନୁସାରେ ଏହି ରିୱାୟତଟି ହେଉଛି ଦୁର୍ବଳ ଓ ଭରଷା ଯୋଗ୍ୟ ନୁହେଁ । ଆଁ ହଜ୍‌ରତ୍ ସ:ଆ:ସ ବିଲ୍‌କୁଲ୍ ଏକଥା କହିନାହାନ୍ତି କାରଣ ଇବ୍‌ନେ ହୁଶାମ୍ ଏହାକୁ ବିନା କୌଣସି ସନଦ୍ ଦେଇ ଲେଖିଛନ୍ତି । ଏହାର କୌଣସି ସନଦ୍ ହିଁ ନାହିଁ ଏବଂ ଅବୁ ଦାଉଦ୍ ଯେଉଁ ସନଦ୍ ଦେଇଛନ୍ତି ତାହା ଦୁର୍ବଳ ଏବଂ ନାକିସ୍ ଅଟେ । ଏହି ସନଦ୍‌ରେ ଇବ୍‌ନେ ଇସ୍‌ହାକ୍ ଏକଥା ବର୍ଣ୍ଣନା କରିଛନ୍ତି ଯେ, ମୁଁ ଏଘଟଣା ସମ୍ବନ୍ଧରେ ଜଏଦ୍ ବିନ୍ ସାବିତ୍‌ଙ୍କର ଜଣେ ସ୍ୱାଧୀନ ଗୁଲାମ୍‌ଙ୍କଠାରୁ ଶୁଣିଥିଲି ଏବଂ ସେହି ଅପରିଚିତ ଗୁଲାମ୍, ଜଣା ନାହିଁ ସେ କିଏ, ତା' ନାମ ମଧ୍ୟ ଜଣାନାହିଁ, ମହିସାଙ୍କ ଜଣେ ଅପରିଚିତ ଝିଅଠାରୁ ଶୁଣିଥିଲା । ସେ ମଧ୍ୟ ଗୋଟିଏ ଝିଅର ରିୱାୟତ ଦେଉଛି ଯାହାର ନାମ ଓ ଠିକଣା ଜଣାନାହିଁ । ରିୱାୟତ ଗୁଡ଼ିକରୁ କେଉଁଠି ଏକଥା ଜଣାପଡ଼ିଲା ନାହିଁ ଯେ ସେ ପିଲା କିଏ ଓ ସେହି ଝିଅଟି ନିଜ ବାପାଙ୍କ ଠାରୁ ଶୁଣିଥିଲା । ଏବେ ପ୍ରତ୍ୟେକ ବ୍ୟକ୍ତି ଏକଥା ବୁଝିପାରୁଥିବେ ଯେ, ଏହିଭଳି ରିୱାୟତ ଯାହାର ଦୁଇଜଣ ରାୱି ସମ୍ପୁର୍ଣ୍ଣରୂପେ ଅପରିଚିତ ଯାହାଙ୍କ ନାମ ଠିକଣା ଜଣାନାହିଁ, ଯେଉଁମାନଙ୍କର ଅବସ୍ଥା ବିଷୟରେ କିଛି ଜଣାନାହିଁ ତେଣୁ ସେମାନଙ୍କର ରିୱାୟତ କଦାପି ଗ୍ରହଣୀୟ ହୋଇପାରିବ ନାହିଁ । ଏବଂ ଦିରାୟତ୍ ଦୃଷ୍ଟିକୋଣରୁ ମଧ୍ୟ ଯଦି ଅଧ୍ୟୟନ କରାଯାଏ ତେବେ ଏଘଟଣା ଟି ସଠିକ୍ ରୂପେ ପ୍ରମାଣିତ ହେଉନାହିଁ କାରଣ ଆଁ ହଜ୍‌ରତ୍ ସ:ଆ:ସଙ୍କ ସାଧାରଣ କାର୍ଯ୍ୟନମୁନା ଏକଥାକୁ ସମ୍ପୁର୍ଣ୍ଣରୂପେ ଖଣ୍ଡନ କରୁଛି ଯେ, ଆଁ ହଜ୍‌ରତ୍ ସ:ଆ:ସ କେବେ ଏପରି ନିର୍ଦ୍ଦେଶ ଦେଇଥିବେ । ଏତଦ୍‌ବ୍ୟତିତ ଯଦି କୌଣସି ସାଧାରଣ ନିର୍ଦ୍ଦେଶ ଦେଇଥାନ୍ତେ ତେବେ ନିଶ୍ଚିତରୂପେ ଏହାଫଳରେ କେତେକ ହତ୍ୟାଘଟଣା ଘଟିଯାଇଥାନ୍ତା । କିନ୍ତୁ ରିୱାୟତରେ କେବଳ ଗୋଟିଏ ହତ୍ୟାର ଘଟଣା ମିଳୁଛି ଯାହା ଏକଥାକୁ ପ୍ରମାଣ କରୁଛି ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କର ସେହି ନିର୍ଦ୍ଦେଶ କୌଣସି ସାଧାରଣ ନିର୍ଦ୍ଦେଶ ନଥିଲା ଏବଂ ପୁଣି ସହୀ ରିୱାୟତରୁ ଏକଥା ପ୍ରମାଣ ଯେ, ଦ୍ୱିତୀୟ ଦିନ ହିଁ ଇହୁଦୀମାନଙ୍କ ସହିତ ନୁଆ ଚୁକ୍ତି କରାଯାଇଥିଲା ତେଣୁ ଏହି ଅବସ୍ଥାରେ ଏହା କଦାପି ଗ୍ରହଣୀୟ ହୋଇପାରିବ ନାହିଁ ଯେ, ଏହି ଚୁକ୍ତି କରାଯାଇଥିବା ବେଳେ ଏ ପ୍ରକାରର କୌଣସି ନିର୍ଦ୍ଦେଶ ଦିଆଯାଇଥିବ । ଯଦି ଏହି ପ୍ରକାରର କୌଣସି ଘଟଣା ଘଟିଥାନ୍ତା ତେବେ ଇହୁଦୀ ଲୋକମାନେ ଏସମ୍ବନ୍ଧରେ ନିଶ୍ଚିତରୂପେ ହୋହଲ୍ଲା କରିଥାନ୍ତେ, ପାଟିତୁଣ୍ଡ କରିଥାନ୍ତେ, କିନ୍ତୁ କୌଣସି ଐତିହାସିକ ରିୱାୟତରୁ ଏକଥା ପ୍ରକାଶ ହେଉନାହିଁ ଯେ, ଇହୁଦୀମାନଙ୍କ ତରଫରୁ କେବେ କୌଣସି ଏପ୍ରକାରର ଅଭିଯୋଗ କରାଯାଇଥିବ । ସୁତରାଂ ରିୱାୟତ ଏବଂ ଦିରାୟତ୍ ଏହିପରି ଦୁଇତରଫରୁ ଏହି କାହାଣୀଟି ଭୁଲ୍ ପ୍ରମାଣିତ ହେଉଅଛି ଏବଂ ଯଦି ଏଥିରେ କିଛିଟା ସତ୍ୟ ଥିବାର କଥା ବୁଝାଯାଇପାରେ ତେବେ କେବଳ ଏତିକି କି, ଯେତେବେଳେ କାଆବ୍ ବିନ୍ ଅଶରଫ୍ ହତ୍ୟା ହେବାପରେ ମଦିନାରେ ଏକପ୍ରକାରର କୋଳାହଳ ସୃଷ୍ଟି ହୋଇଗଲା ଓ ଇହୁଦୀ ଲୋକମାନେ ଜୋଷ୍‌ରେ ଆସିଗଲେ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଇହୁଦୀମାନଙ୍କ ତରଫରୁ ବିପଦ ଥିବାର ଅନୁଭବ କରି ସାହାବାମାନଙ୍କୁ ଏକଥା କହିଥିବେ ସମ୍ଭବତଃ ଏହା ହୋଇଥିବ । କୌଣସି ପ୍ରକାରର ଦୃଢ଼ ପ୍ରମାଣ ଏ ବାବଦରେ ମଧ୍ୟ ନାହିଁ ଯେ, ଯେ କୌଣସି ଇହୁଦିଙ୍କ ତରଫରୁ ବିପଦ ଥିବ ଏବଂ ସେ ତୁମଉପରେ

*ଅବଶିଷ୍ଟାଂଶ ପୃଷ୍ଠା- ୭ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**